

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୭ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 07 October 2025

Vol.No. 36 ■ No.263 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଯୁକ୍ତ ୨ ପରୀକ୍ଷା ପାଇଁ ୨୦ରୁ ଫର୍ମ ଫିଲ ଅପ୍

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଯୁକ୍ତ ୨ ପରୀକ୍ଷା ଫର୍ମଫିଲପ୍ ନେଇ ସିଏଚଏସଇ ତାରିଖ ଘୋଷଣା କରିଛି। ଘୋଷଣା ଅନୁଯାୟୀ ରେଗୁଲାର ପରୀକ୍ଷାର୍ଥୀ ଆସନ୍ତା ୨୦ ତାରିଖରୁ ନଭେମ୍ବର ୬ ତାରିଖ ଭିତରେ ଫର୍ମ ପୂରଣ କରିବେ। ସେହିପରି ଏକ୍ସରେଗୁଲାର ପରୀକ୍ଷାର୍ଥୀ ଆସନ୍ତା ୧୩ ତାରିଖରୁ ୨୫ ତାରିଖ ଭିତରେ ଫର୍ମ ଭରିବେ। ନଭେମ୍ବର ୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ ଟଙ୍କା ଫାଇନ୍ ଦେଇ ଫର୍ମ ଫିଲଅପ୍ କରିହେବ ଏବଂ ୬ ଶହ ଟଙ୍କା ଫାଇନ୍ ରେ ନଭେମ୍ବର ୧୭ରୁ ୧୯ ମଧ୍ୟରେ ଫର୍ମ ପୂରଣ କରିପାରିବେ ।

## ମିଥ୍ୟା ପ୍ରଚାର କଲେ କାର୍ଯ୍ୟାନୁଷ୍ଠାନ: ଓଡ଼ିଶା ପୋଲିସ

ଭୁବନେଶ୍ୱର, ୦୬/୧୦ (ନି.ପ୍ର): କଟକ ଘଟଣାରେ ଓଡ଼ିଶା ପୋଲିସ ପକ୍ଷରୁ ଆଡଭାଇଜରୀ ଜାରି ହୋଇଛି । ଓଡ଼ିଶା ପୋଲିସ ପକ୍ଷରୁ କୁହାଯାଇଛି ଯେ, ସୋସିଆଲ ମିଡ଼ିଆରେ କୌଣସି ଖବର ପୋଷ୍ଟ କରିବା ପୂର୍ବରୁ ସତ୍ୟତା ଯାଂଚ କରନ୍ତୁ। ଏହା ସହ ମିଛ ଓ ଉତ୍ତେଜନାମୂଳକ ପୋଷ୍ଟ କରିବାରୁ ବିରତ ରହନ୍ତୁ। ଯେଉଁମାନେ ମିଥ୍ୟା କିମ୍ବା ଭ୍ରାନ୍ତି ସୂଚନା ପ୍ରଚାର ଓ ପ୍ରସାର କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିଛି ବ୍ୟକ୍ତି ବିଶେଷ ମିଥ୍ୟା ଖବର ପ୍ରସ୍ତୁତ ଓ ପ୍ରଚାର କରି ସମାଜରେ ଅଶାନ୍ତିର ବାତାବରଣ ସୃଷ୍ଟି କରୁଛନ୍ତି। ନାଗରିକମାନେ ସଚେତନ ରୁହନ୍ତୁ ଏବଂ କୌଣସି ପରିସ୍ଥିତିରେ ମଧ୍ୟ ମିଛ ଭିଡିଓ କିମ୍ବା ସୋସିଆଲ ମିଡ଼ିଆ ପୋଷ୍ଟ ଉପରେ ବିଶ୍ୱାସ କରନ୍ତୁ ନାହିଁ।

# ବିହାର ନିର୍ବାଚନ ପାଇଁ ବାଜିଲା ବିଗୁଲ: ଦୁଇଟି ପର୍ଯ୍ୟାୟରେ ହେବ ମତଦାନ

## ♦ନୀତୀଶ, ତେଜସ୍ୱୀଙ୍କ ପାଇଁ ଅଗ୍ନିପରୀକ୍ଷା
## ♦କଣ୍ଟା ସାଜିପାରନ୍ତି ପ୍ରଶାନ୍ତ କିଶୋର



ନୂଆଦିଲ୍ଲୀ,୦୬/୧୦ : ବହୁ ପ୍ରତୀକ୍ଷିତ ବିହାର ନିର୍ବାଚନ ତାରିଖ ଘୋଷଣା କରିଛନ୍ତି ନିର୍ବାଚନ କମିଶନ । ଦୁଇଟି ପର୍ଯ୍ୟାୟ-ନଭେମ୍ବର ୬ ଏବଂ ନଭେମ୍ବର ୧୧ରେ ମତଦାନ ହେବ । ନଭେମ୍ବର ୧୪ରେ ହେବ ଭୋଟ୍ ଗଣତି । ମୋଟ୍ ୨୪୩ଟି ଆସନରୁ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ଟି ଆସନରେ ଭୋଟିଂ ହେବ । ଏଥର ୧୪ ଲକ୍ଷ ନୂଆ ଭୋଟରଙ୍କ ସହ ମତଦାନ କରିବେ ୭ କୋଟି ୪୩ ଲକ୍ଷ ମତଦାତା । ଏହି ନିର୍ବାଚନରେ ଶାସକ ବିଜେପି ଓ ଜେଡିୟୁ ନେତୃତ୍ୱାଧୀନ ମେଣ୍ଟ ଏବଂ କଂଗ୍ରେସ ଓ ଆରଜେଡି ନେତୃତ୍ୱାଧୀନ ମହାଗଠବନ୍ଧନ ମଧ୍ୟରେ ଏକ ଲଢ଼େଇ ହେବ, କିନ୍ତୁ ଏହି ଦୁଇ ମେଣ୍ଟ ପାଇଁ କଣ୍ଟା ସାଜିପାରନ୍ତି ରାଜନୈତିକ ପ୍ରଶାନ୍ତ କିଶୋର । ଏଥର ପ୍ରଶାନ୍ତ କିଶୋରଙ୍କ ଜନ ସ୍ୱରାଜ ଦଳ ସମସ୍ତ ୨୪୩ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଏହି ନିର୍ବାଚନରେ ତିନି ବ୍ୟକ୍ତି ନୀତିଶ କୁମାର, ତେଜସ୍ୱୀ ଯାଦବ ଏବଂ ପ୍ରଶାନ୍ତ କିଶୋରଙ୍କ ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି । ଯେଉଁମାନେ ଏହି ନିର୍ବାଚନରେ କଠିନ ପରୀକ୍ଷାର ସମ୍ମୁଖୀନ ହେବେ। ତାଙ୍କର ସଫଳତା କିମ୍ବା ବିଫଳତା ସେମାନଙ୍କ ଦଳର ଭାଗ୍ୟକୁ ପ୍ରଭାବିତ କରିପାରେ ଏବଂ ବିହାରର ରାଜନୈତିକ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିପାରେ । ୨୦୨୦ ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ୧୨୫ଟି ଆସନ (ବିଜେପି ୭୪, ଜେଡିୟୁ ୪୩, ଅନ୍ୟ ୮) ଜିତିଥିଲା । ମହାଗଠବନ୍ଧନ ୧୧୦ (ଆରଜେଡି ୭୫, କଂଗ୍ରେସ ୧୯, ଅନ୍ୟ ୧୬) ଜିତିଥିଲା । କିନ୍ତୁ ନୀତୀଶ ଦଳ ପରିବର୍ତ୍ତନ କରି ମହାଗଠବନ୍ଧନ ସହ ମିଶି ସରକାର କରିଥିଲେ । ପରେ ପୁଣି ମହାଗଠବନ୍ଧନ ଛାଡି ବିଜେପି ସହ ମିଶି ସରକାର କରିଥିଲେ । ତେବେ ବିହାର ନିର୍ବାଚନ ରାଜନୈତିକ ଦଳ ପାଇଁ ଗୁରୁତ୍ୱ ବହନ କରୁଛି । କାରଣ ବିହାର ନିର୍ବାଚନର ପ୍ରଭାବ ଆସନ୍ତାବର୍ଷ ହେବାକୁ ଥିବା ଆସାମ, ପଶ୍ଚିମବଙ୍ଗ ଓ ତାମିଲନାଡୁ ନିର୍ବାଚନକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି ।

## କୁଆଡ଼େ ଗଲେ ବିହାରୀ କିଲର୍ ?: ପତ୍ତା ପାଉନି କମିସନରେଟ୍ ପୁଲିସ



ଭୁବନେଶ୍ୱର, ୦୬/୧୦ (ନି.ପ୍ର): ମଧୁକାନ୍ତ ରଣା ଓ ରାଜା ସାହାଣୀ କମିସନରେଟ୍ ପୁଲିସର ନିଦ ହଜାଇଛନ୍ତି ଜେଲ୍‌ରୁ ଚମ୍ପଟ୍ ମାରିଥିବା ଏହି ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ । ହତ୍ୟାକାଣ୍ଡ ମାମଲାରେ ଜେଲରେ ଥିଲେ । ହେଲେ ରାତାରାତି ହାଇସିକ୍ୟୁରିଟି ସେଲ୍ ଭାଙ୍ଗି ଚୌଦ୍ୱାରରୁ ଚମ୍ପଟ ମାରିବା ପରେ, ପୁଲିସର ଅକଲ ଗୁଡୁମ । ପୋଷ୍ଟର ମାରି ମାରି ହାଲିଆ ହେବା ପରେ, ଆକ୍ସନ ମୋଡକୁ ଆସିଛି ପୁଲିସ । ହାର୍ଡକୋରଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିବା ପୁଲିସ କହିଛି । ଓଡ଼ିଶା, ଛତିଶଗଡ ସମେତ ବିହାରରେ ଅତର୍କିତ ରେଡ୍ ମାରିଛି କମିସନରେଟ୍ ପୁଲିସ । ହେଲେ ୨ ଅଭିଯୁକ୍ତ ପୁଲିସକୁ ଚକମା ଦେଇ ଫେରାର ଅଛନ୍ତି । ଏପଟେ ଓଡ଼ିଶାର ସବୁଠୁ ବଡ଼ ଜେଲ୍ ଚୌଦ୍ୱାରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ କେମିତି ଏହି ଦୁଇ କଏଦୀ ଖସିଗଲେ ସେନେଇ ଛାନଭିନ୍ ଆରମ୍ଭ ହୋଇଛି । ଦାଗୀ, ହତ୍ୟାକାରୀ, ଦୁଷ୍କର୍ମକାରୀ, ଚିଟ୍‌ଫଣ୍ଡ ଠକଙ୍କ ଭଳି ଜଘନ୍ୟ ଅପରାଧୀ ଚୌଦ୍ୱାର ସର୍କଲ ଜେଲ୍‌ରେ ଅଛନ୍ତି । ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ସହ ସିସିଟିଭି ବି ଲାଗିଛି । ହେଲେ, ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ଜେଲ୍‌ରୁ ଫିଲ୍ମ ଷ୍ଟାଇଲରେ ଫେରାର ମାରିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଛି । ଯେଉଁଥିପାଇଁ ଜେଲ ବିଭାଗର ଧଜ୍ଜିଆ ଉଡିଥିବା କହିଛନ୍ତି ପୂର୍ବତନ ▶▶ପୃଷ୍ଠା ୭

## କଟକ ସହରରେ ଅକ୍ଟୋବର ୭ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ବନ୍ଦ: କର୍ଫ୍ୟୁ ବଳବତ୍ତର





କଟକ, ୦୬/୧୦ (ନି.ପ୍ର): କଟକରେ ଆସନ୍ତା ସନ୍ଧ୍ୟା ୭ଟା ଯାଏ ବଢ଼ିଲା ଇଣ୍ଟରନେଟ୍ କଟକଣା । ପରିସ୍ଥିତି ଏବେ ବି ସମ୍ବେଦନଶୀଳ ଥିବାରୁ ଇଣ୍ଟରନେଟ୍ କଟକଣାକୁ ଆହୁରି ୨୪ ଘଣ୍ଟା ବୃଦ୍ଧି କରାଯାଇଛି । ଏହାକୁ ନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କଟକ ଜିଲ୍ଲାପାଳଙ୍କ ସୁପାରିସ କ୍ରମେ ଏହି କଟକଣା ଅବଧିକୁ ବୃଦ୍ଧି କରାଯାଇଛି । ଦୁର୍ଗାପୂଜା ଭସାଣ ବେଳେ ଗଣ୍ଡଗୋଳ ଘଟଣାକୁ ନେଇ ଆଜି ବନ୍ଦ ଡାକରା ଦେଇଥିଲା ବିଶ୍ୱ ହିନ୍ଦୁ ପରିଷଦ । ପରିସ୍ଥିତି ସମ୍ବେଦନଶୀଳ ଥିବାରୁ କଟକରେ ମୋବାଇଲ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଥିଲା । ହ୍ୱାଟସ୍‌ଆପ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ସ୍ନାପ୍‌ଚାଟ୍ ଆଦି ଚଳାଇ ପାରୁନାହାନ୍ତି ୟୁଜର୍ସ । ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ସେବା ବି ବନ୍ଦ ରହିବ । ୨୪ ଘଣ୍ଟା ପାଇଁ କଟକଣା ଜାରି କଲା ପ୍ରଶାସନ । ସେପଟେ ଶାନ୍ତି ରକ୍ଷା ପାଇଁ ନିବେଦନ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ । ସାହି ସାହିରେ ପୁଲିସ ପଇଁତରା ମାରୁଛି । ସ୍ୱର୍ଣ୍ଣକାତର ସ୍ଥାନରେ ପୁଲିସ ଛାଉଣୀ ହୋଇଛି । ଘରୁ କେହି ବାହାରୁନାହାନ୍ତି । ▶▶ପୃଷ୍ଠା ୭

## ଫିଂଟୁଛି ଏସଆଇ ପରୀକ୍ଷା ମହାଘୋଟାଲାର ଗୁମର: ଗିରଫ ଷଷ୍ଠ ଦଲାଲ ଚନ୍ଦନ ମଲ୍ଲିକର ବି ବିଜେଡି ଲିଙ୍କ୍



ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ପୁଣି ଜଣଙ୍କୁ ଗିରଫ କରାଯାଇଛି । ବାଲେଶ୍ୱରରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ । ଗିରଫ ଯୁବକ ଜଣକ ରଣସାହି ପଞ୍ଚାୟତର ଚନ୍ଦନ ମଲ୍ଲିକ । ଚନ୍ଦନ ଜଣେ ସମାଜସେବୀ ଭାବରେ ନିଜକୁ ପରିଚୟ ଦେଇ ବିଭିନ୍ନ କାର୍ଯ୍ୟରେ ନିଜକୁ ନିୟୋଜିତ ରଖୁଥିଲେ । ଗତକାଲି ବିଳମ୍ବିତ ରାତ୍ରୀରେ ଚନ୍ଦନଙ୍କୁ ଗିରଫ କରାଯାଇଛି । ଏହାସହ ଗିରଫଦାରୀ ସଂଖ୍ୟା ୧୨୦କୁ ବଢ଼ିଛି । ବ୍ରହ୍ମପୁର ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟରେ ଅଭିଯୁକ୍ତକୁ ଆଜି ହାଜର କରିବ କ୍ରାଇମବ୍ରାଞ୍ଚ । ପୁଲିସ ଏସ୍‌ଆଇ ପରୀକ୍ଷା ମହାଦୁର୍ନୀତିର ଗୁମର ଖୋଲିବା ଆରମ୍ଭ କରିଛି । କ୍ରାଇମବ୍ରାଞ୍ଚ ଡିଏସପି ରତ୍ନପ୍ରଭା ଶତପଥୀଙ୍କୁ ମିଳିଛି ଏସ୍‌ଆଇ ପରୀକ୍ଷାର ତଦନ୍ତ ଦାୟିତ୍ୱ । ଗୋଲନ୍ଥରା ଥାନାରେ ରୁଜୁ ହୋଇଥିବା ସମସ୍ତ ମାମଲାର ସେ ତଦନ୍ତ କରିବେ । ସୁପରଭାଇଜିଂ ଅଫିସର ଭାବେ ରହିବେ କ୍ରାଇମବ୍ରାଞ୍ଚ ଏସ୍‌ପି ଅନୀଲ ବେଉରିଆ । ଏହି କେଳେଙ୍କାରୀରେ ▶▶ପୃଷ୍ଠା ୭

## ବାଜିଲା ନୂଆପଡ଼ା ଉପନିର୍ବାଚନ ବିଗୁଲ୍

### ୧୧ଶହ କୋଟିର ପ୍ରକଳ୍ପ ଭେଟିଦେଲେ ମୁଖ୍ୟମନ୍ତ୍ରୀ



ନୂଆପଡା , ୦୬/୧୦ (ନି.ପ୍ର): ୧୫ ଦିନରେ ଦ୍ୱିତୀୟ ଥର ନୂଆପଡା ଗସ୍ତରେ ଯାଇ ୧୧ଶହ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଆଉ ତାଙ୍କ ଗସ୍ତକୁ କାଉଣ୍ଟର କଂଗ୍ରେସ କରିଛି ନ୍ୟାୟ ଯାତ୍ରା। ବିଜେଡି କହିଛି କିଛି ପ୍ରଭାବ ପଡିବନି, ନୂଆପଡା ବିଜେଡିର ଥିଲା ରହିବ। ନୂଆପଡା ଉପନିର୍ବାଚନ ପାଇଁ ବାଜିଲା ବିଗୁଲ୍। ନଭେମ୍ବର ୧୧ ତାରିଖରେ ପଡିବ ଭୋଟ୍। ୧୪ରେ ଗଣତି। ବିହାର ବିଧାନସଭା ନିର୍ବାଚନ ସହ ୮ ରାଜ୍ୟରେ ବାଏପୋଲ୍ ପାଇଁ ତାରିଖ ଘୋଷଣା କରିଛନ୍ତି ନିର୍ବାଚନ କମିଶନ। ନୂଆପଡା ଉପନିର୍ବାଚନ ପାଇଁ ଅକଟୋବର ୧୩ ତାରିଖରେ ପ୍ରକାଶ ପାଇବ ବିଧିବଦ୍ଧ ବିଜ୍ଞପ୍ତି। ୨୦ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ଦାଖଲ ହେବାକୁ ଥିବା ବେଳେ ୨୨ରେ ସ୍କ୍ରୁଟିନୀ, ୨୪ରେ ରହିଛି ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ। ନଭେମ୍ବର ୧୧ ତାରିଖରେ ହେବ ଭୋଟ୍ ଆଉ ୧୪ରେ ବାହାରିବ ଫଳାଫଳ। ଏପଟେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ମଧ୍ୟ ନିର୍ବାଚନ ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା। ସର୍ବଦଳୀୟ ବୈଠକ କରି ଭୋଟର ତାଲିକା ସଂଶୋଧନ ଆରମ୍ଭ ହୋଇଥିବା ବେଳେ ଅକଟୋବର ୯ ତାରିଖରେ ଫାଇନାଲ ଭୋଟର ଲିଷ୍ଟ ପ୍ରକାଶ ପାଇବ। ତାରିଖ ଘୋଷଣା ନହେଉଣୁ ତେଜିଲାଣି ରାଜନୀତି। ୧୫ ଦିନ ଭିତରେ ନୂଆପଡାକୁ ଦ୍ୱିତୀୟ ଗସ୍ତ କରି ୧୧ଶହ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଉ ବଡ କଥା ହେଲା ପୂର୍ବ ସରକାର ସମୟରୁ ଦାବି ହୋଇ ଆସୁଥିବା କୋମନା ଏବଂ ସିନାପାଲିକୁ ଏନଏସି ଘୋଷଣା କରିଥିବା ବେଳେ ଖରିଆର ରୋଡକୁ ଏନଏସିରୁ ମ୍ୟୁନିସିପାଲିଟି ଘୋଷଣା କରିଛନ୍ତି। ଏହା ସହ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆପଡାର ବିକାଶ ଦାୟିତ୍ୱ ମୋର, ମୁଁ ବ୍ୟକ୍ତିଗତ ଭାବେ ଏହାକୁ ତଦାରଖ କରିବି ଆଉ ଆବଶ୍ୟକ ହେଲେ ବାରମ୍ବାର ଆସିବି। ▶▶ପୃଷ୍ଠା ୭

## ପଶ୍ଚିମବଙ୍ଗରେ ବିଜେପି ସାଂସଦଙ୍କୁ ମରଣାନ୍ତକ ଆକ୍ରମଣ



ନୂଆଦିଲ୍ଲୀ,୦୬/୧୦ : ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳାରେ ଗଡ଼ବଡ଼ । ମୁଣ୍ଡରୁ ରକ୍ତ ଝରୁଥିବା ବ୍ୟକ୍ତି ଜଣଙ୍କ ହେଉଛନ୍ତି ବିଜେପି ସାଂସଦ ଖଗେନ ମୁର୍ମୁ । ଉତ୍ତର ମାଲଦା ଆସନରୁ ଦୁଇ ଥର ସେ ନିର୍ବାଚିତ ହୋଇଛନ୍ତି । ସୋମବାର ଉତ୍ତର ପଶ୍ଚିମବଙ୍ଗର ଜଳପାଇଗୁଡ଼ିରେ ପ୍ରଳୟଙ୍କରୀ ଭୂସ୍ଖଳନ ପରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ସହାୟତା କରିବାକୁ ଯାଇଥିଲେ । ରାସ୍ତାରେ ତାଙ୍କ ଗାଡ଼ି ଉପରେ ମରଣାନ୍ତକ ଆକ୍ରମଣ ହୋଇଛି । ଖଗେନ ମୁର୍ମୁଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ବେଳେ ବିଜେପି ବିଧାୟକ ଶଙ୍କର ଘୋଷ ଆହତ ହୋଇଛନ୍ତି । ଏହି ଅଞ୍ଚଳକୁ ମୁଖ୍ୟମନ୍ତ୍ରୀ ମମତା ବନାର୍ଜୀଙ୍କ ଗସ୍ତ ପୂର୍ବରୁ ବିଜେପି ପ୍ରତିନିଧି ଦଳ ଯାଇଥିବାରୁ ତାଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ କରିଛି ବିଜେପି । ବିଜେପି ସାଂସଦଙ୍କ ଉପରକୁ ଆକ୍ରମଣର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ବିଜେପି ଆଇଟି ବିଭାଗର ପ୍ରଭାରୀ ଅମିତ ମାଳବ୍ୟ କହିଛନ୍ତି, ଏହା ପଶ୍ଚିମବଙ୍ଗରେ ଟିଏମସିର ଜଙ୍ଗଲ ରାଜ୍ ! ରିଲିଫ୍ ଦେବାକୁ ଯାଉଥିବା ଲୋକଙ୍କୁ ଆକ୍ରମଣ କରାଯାଉଛି । ଘଟଣାକୁ ନେଇ ଟିଏମସି ଏବଂ ମମତା ବାନାର୍ଜୀଙ୍କୁ କଡ଼ା ସମାଲୋଚନା କରିବା ସହ ଏହା ପଛରେ ▶▶ପୃଷ୍ଠା ୭

## ପ୍ରଧାନ ବିଚାରପତିଙ୍କୁ ଆକ୍ରମଣ ଉଦ୍ୟମ: ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା



ନୂଆଦିଲ୍ଲୀ,୦୬/୧୦ : ଆଜି ପ୍ରଧାନ ବିଚାରପତିଙ୍କୁ ଆକ୍ରମଣ ଉଦ୍ୟମ ହୋଇଛି । କୋର୍ଟ ଚାଲିଥିବା ବେଳେ ପ୍ରଧାନ ବିଚାରପତିଙ୍କ ଉପରେ ଓକିଲ ପୋଷାକ ପନ୍ଧିଥିବା ଜଣେ ବ୍ୟକ୍ତି କିଛି ଜିନିଷ ଫିଙ୍ଗିବାକୁ ଚେଷ୍ଟା କରିଥିଲା । ସମ୍ପୃକ୍ତ ବ୍ୟକ୍ତିକୁ ସୁରକ୍ଷାକର୍ମୀ କାବୁ କରିନେଇଛନ୍ତି । ଏଥିପାଇଁ କିଛି ମିନିଟ୍ ଲାଗି କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଏହି ଘଟଣାକୁ ଆଇନଜୀବୀମାନେ ନିନ୍ଦା କରିଛନ୍ତି । ସୋମବାର ସକାଳ ବେଳା ସ୍ୱାଭାବିକ ଚାଲିଥିଲା ସୁପ୍ରିମକୋର୍ଟ । ଏକ ମାମଲାର ଶୁଣାଣି କରୁଥିଲେ ପ୍ରଧାନ ବିଚାରପତି ଜଷ୍ଟିସ୍ ବି. ଆର. ଗବାଇ । ହଠାତ୍ ଜଣେ ବ୍ୟକ୍ତି ତାଙ୍କ ଉପରକୁ କିଛି ଜନିଷ ଫିଙ୍ଗିଥଲେ । କେହି ଏହି ଜିନିଷକୁ ଜୋତା କହୁଥିବା ବେଳେ ଆଉ କେହି ଏକ କାଗଜ ବିଡ଼ା ବୋଲି କହୁଛନ୍ତି । ଓକିଲ ପୋଷାକ ପିନ୍ଧିଥିବା ଏହି ବ୍ୟକ୍ତିଙ୍କୁ ସଙ୍ଗେସଙ୍ଗେ ସୁରକ୍ଷାକର୍ମୀ କାବୁ କରିନେଇଥିଲେ। ବାହାରକୁ ନେବା ବେଳେ ସେ ବ୍ୟକ୍ତି ଜଣକ 'ସନାତନ ଧର୍ମ କା ଅପମାନ ନେହି ▶▶ପୃଷ୍ଠା ୭

## ନେତାନ୍ୟାହୁଙ୍କ ଉପରେ ଟ୍ରମ୍ପ ଖପ୍ପା: ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ଭିତରେ ଦେଲେ ଗାଳି



ନୂଆଦିଲ୍ଲୀ,୦୬/୧୦ : ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଉପରେ ଖପ୍ପା ହେଲେ ଟ୍ରମ୍ପ । ଯୁଦ୍ଧବିରତି ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ଭିତରେ ନେତାନ୍ୟାହୁଙ୍କ ଖରାପ ଭାଷା କହିଛନ୍ତି ଆମେରିକା ରାଷ୍ଟ୍ରପତି । ଟ୍ରମ୍ପଙ୍କ ଗାଜା ଶାନ୍ତି ପ୍ରସ୍ତାବକୁ ହମାସ ଗ୍ରହଣ କରିଥିବା ନେଇ ନେତାନ୍ୟାହୁଙ୍କୁ ଟ୍ରମ୍ପ ଫୋନ କରି ଖୁସି ଖବର ଜଣାଇଥିଲେ । କିନ୍ତୁ ନେତାନ୍ୟାହୁ ଭିନ୍ନ ଭାବେ ଅନୁଭବ କରିଥିଲେ ଏବଂ ଟ୍ରମ୍ପଙ୍କୁ କହିଥିଲେ ଯେ ଏଥିରେ ଉତ୍ସବ ମନାଇବାର କିଛି ନାହିଁ ଏବଂ ଏହା କୌଣସି ଅର୍ଥ ରଖେ ନାହିଁ । ପ୍ରତିକ୍ରିୟା ଶୁଣିବା ପରେ ରାଗିଯାଇଥିଲେ ଟ୍ରମ୍ପ । ଆଉ ଖରାପ ଭାଷାରେ ▶▶ପୃଷ୍ଠା ୭

# ରାସ୍ତାରେ ଆସୁଥିବା ଚାଷୀଙ୍କର ଦ୍ରୁତ ଗତିରେ ଆସୁଥିବା ବାଇକ୍ ଧକ୍କାରେ ମୃତ୍ୟୁ

ବଲାଙ୍ଗିର, ୦୬/୧୦ (ନି.ପ୍ର): ବଲାଙ୍ଗୀର ଚୁଡାପାଲି ରାସ୍ତାରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଜଣେ ଚାଷୀ ନିଜ ଚାଷ ଜମିକୁ ଚାଲି ଚାଲି ଯାଉଥିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଚାଷୀଜଣଙ୍କ ହେଲେ କଷ୍ଟ କୁମୁରା (୫୮)। ଦ୍ରୁତ ଗତିରେ ଆସୁଥିବା ବାଇକ ଚାଷୀଙ୍କୁ ଧକ୍କା ଦେଇ ପ୍ରାୟ ୨୦ ମିଟର ଦୂର ଯାଏ ଘୋଷାଡ଼ି ନେଇଥିବା ଉପସ୍ଥିତ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

ସୂଚନାନୁଯାୟୀ, ବାଇକରେ ଦୁଇ ଜଣ ଥିଲେ। ସେମାନେ ବଲାଙ୍ଗୀର ରେଲୱେ ଷ୍ଟେଶନକୁ ଆସୁଥିଲେ। ଷ୍ଟେଶନରେ ବାଇକ ରଖିଦେଇ ଟ୍ରେନ୍‌ରେ ଝାରସୁଗୁଡ଼ା ଯିବାର ଥିଲା। ସେମାନେ ଷ୍ଟେସନରେ ଶୀଘ୍ର ପହଂଚିବା ପାଇଁ ସ୍ପିଡରେ ଗାଡ଼ି ଚଳାଇ ଆସୁଥିବା ସ୍ଥକ୍ଷନୀୟ ଲୋକେ କହିଛନ୍ତି। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା।

ଘଟଣାସ୍ଥଳରେ ପୋଲିସ ପହଂଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ମୃତଦେହକୁ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲେ। ଦୁର୍ଘଟଣାକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ସ୍ୱର୍ଗତ ବନମାଳୀ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ

କେନ୍ଦ୍ରାପଡ଼ା, ୦୬/୧୦ (ନି.ପ୍ର): ଚନ୍ଦନପୁର ବିଜୁ ଜନତାଦଳ ତରଫରୁ ବରିଷ୍ଠ ସଂଗଠକ ତଥା ପୂର୍ବତନ ପ୍ରାଣୀଧନ ଚିକିତ୍ସକ ସ୍ୱର୍ଗତ ବନମାଳୀ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳୀ ସମାରୋହ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ତମାଳ ଶାସନ ରଥ ଦାଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ରୁପେ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳ ଜଣେ ଦୃଢମାନା ତଥା ଦରଦୀ ମଣିଷ ଭାବରେ ବର୍ଣ୍ଣନା କରିଥିଲେ। ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ ସମ୍ମାନୀୟ ଅତିଥି ଭାବରେ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ଭାଗ ନେଇ କହିଥିଲେ ଯେ ସ୍ୱର୍ଗତ ବନମାଳୀ ବିଶ୍ୱାଳ ଜଣେ ଲୋକପ୍ରିୟ ଚିକିତ୍ସକ ବିଚାର ବନ୍ତ ମଣିଷ ଥିଲେ। ଅନ୍ୟତମ ଅତିଥି ଭାବରେ ଜିଲ୍ଲାପରିଷଦର ଅଧ୍ୟକ୍ଷା ଲିଲିତା ଦାସ ତାଙ୍କୁ ବିବେକି ଓ ହୃଦୟବାନ ବ୍ୟକ୍ତି ବୋଲି କହିଥିଲେ। ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି ସ୍ୱର୍ଗତ ବନମାଳୀ ବିଶ୍ୱାଳଙ୍କୁ ଜଣେ ନିର୍ଭିକ ତଥା ଅନୁଶାସନ ଧର୍ମୀ ଭାବେ ସାଧାରଣରେ ବିଦିତ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ବିଗତ ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳୀ ସଭାରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ମହାନ୍ତି, ସରପଂଚ ରମାକାନ୍ତ ମଲ୍ଲିକ, ଜେନାମଣୀ ସାମଲ, ତପନ ଦାସ, ସାନମାଣିତିଆ ବିଜେଡି ସଭାପତି ଜୟପ୍ରକାଶ ଗିରୀ, ପୂର୍ବତନ ଜିଲ୍ଲାପରିଷଦ ସଭାପତି ସର୍ବେଶ୍ୱର ବେହେରା, ସରପଂଚ ଅଶ୍ୱନୀ ପାତ୍ର, ତପନ କୁମାର ଦାସ, ପଂଚାୟତ ବିଜେଡି ସଭାପତି ମହମ୍ମଦ ଇସାକ, କଂଗ୍ରେସ ନେତା ବିଜୟ କୁମାର ମଲ୍ଲିକ, ମନୋରଞ୍ଜନ ଦାସ, ଯୁବ ନେତା ଆକ୍ରମ ଖାନ, ନାରାୟଣ ପରିଡା, ଗୌରହରି ମିଶ୍ର, ଚିତରଞ୍ଜନ ପାତ୍ର, ଭାବଗ୍ରାହୀ ବେହେରା, ଗୁରୁଚରଣ ଦାସ, ଗୋଲଖ ସାମଲ ପ୍ରମୁଖ ଶ୍ରଦ୍ଧା ନିବେଦନ କରି ସ୍ୱର୍ଗତ ବନମାଳୀ ବିଶ୍ୱାଳଙ୍କୁ ଅଭିଭାବକୀୟ ବ୍ୟକ୍ତିତ୍ୱର ଅଧିକାରୀବୋଲି ଉଲ୍ଲେଖ କରିଥିଲେ।

# କୁନ୍ଦୁରା ବ୍ଲକ ଅଧ୍ୟକ୍ଷାଙ୍କ ଇସ୍ତଫା ପରେ ଅନାସ୍ଥା ଭୋଟିଙ୍ଗ

ଜୟପୁର, ୦୬/୧୦ (ନି.ପ୍ର): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ଆଜି ପଂଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜାଙ୍କ ବିରୁଦ୍ଧରେ ଅନାସ୍ଥା ଭୋଟିଙ୍ଗ ହୋଇଛି। ତେବେ ଗତକାଲି ଶ୍ରୀମତି ପରଜା ଜୟପୁର ଉପ ଜିଲ୍ଲାପାଳ ଏବଂ ବିଡ଼ିଓଙ୍କୁ ଭେଟି ନିଜ ଇସ୍ତଫା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଗତ ଦୁଇ ମାସ ପୂର୍ବେ ସମିତିସଭ୍ୟ ଏବଂ ସରପଂଚ ମାନେ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ପରେ ଜୟପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଗତ ୧୯ ତାରିଖ ପତ୍ର ସଂଖ୍ୟା ୭୮୫୭/୨୫ କରାଯାଇ ଚଳିତ ମାସ ୪ ତାରିଖ ଭୋଟିଙ୍ଗ କରିବା ବିଷୟରେ ଉଲ୍ଲେଖ ହୋଇଥିଲା। ସେ ଅନୁଯାୟୀ ଆଜି କୁନ୍ଦୁରା ତହସିଲଦାର ତଥା ଇଲେକ୍ସନ ଅଫିସରଙ୍କ ଉପସ୍ଥିତିରେ ଆଜି ଅନାସ୍ଥା ଭୋଟିଙ୍ଗ କରାଯାଇଥିଲା। ଅନାସ୍ଥା ଭୋଟିଙ୍ଗ ବେଳେ ବ୍ଲକର ୧୬ ଟି ପଂଚାୟତ ମଧ୍ୟରୁ ୧୪ଟି ପଂଚାୟତର ୧୪ ଜଣ ସରପଂଚ ଏବଂ ୧୪ ସମିତି ସଭ୍ୟ ମୋଟ ୨୮ ଜଣ ଉପସ୍ଥିତ ରହି ମତଦାନ କରିଥିଲେ। ଭୋଟିଙ୍ଗ ବେଳେ ୪ ଜଣ ସଦସ୍ୟଙ୍କ ସମେତ ସାଂସଦ ଏବଂ ବିଧାୟକ ଅନୁପସ୍ଥିତି ଥିଲେ। ଜିପିଡିଓ, ଜଗତସିଂହ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଥାନା ଅଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକ ଆଇନଶୃଙ୍ଖଳା ପରିସ୍ଥିତିକୁ ତଦାରଖ କରିଥିଲେ। ନିର୍ବାଚନ ଅଧିକାରୀ ତଥା ତହସିଲଦାରଙ୍କ କହିବା ଅନୁଯାୟୀ ଓଡିଶା ପଂଚାୟତରାଜ ଆଇନ ୧୯୫୯ ଧାରା ୪୬(ବି) ଅନୁସାରେ ବ୍ଲକ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଙ୍ଗ କରାଯାଇ ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କ ନିକଟକୁ ସମସ୍ତ ଫାଇଲ ପଠାଯାଇଛି ବୋଲି କହିଛନ୍ତି। ପୂର୍ବତନ ସାଂସଦ, ପ୍ରଦୀପ ମାଝୀ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ବ୍ଲକ ବିଜେଡି ସଭାପତି, ବୃନ୍ଦାବନ ମଳିକ, ବରିଷ୍ଠ ବିଜେଡି ନେତା ନରେନ୍ଦ୍ର ପ୍ରଧାନ, ଧର୍ମେନ୍ଦ୍ର ଅଧିକାରୀଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଦେଶରେ ନାଗରିକମାନଙ୍କ ମୌଳିକ ଓ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ଜନସାଧାରଣ ଐକ୍ୟବଦ୍ଧ ପାଇଁ ଆହ୍ୱାନ




ବାଲେଶ୍ୱର, ୦୬/୧୦ (ନି.ପ୍ର): ଜଣେ ବିଶିଷ୍ଟ ପରିବେଶବିତ୍ ତଥା ସମାଜସେବୀ ଓ ଶିକ୍ଷାବିତ୍ ଏବଂ ଲାଦାଖର ସର୍ବମାନ୍ୟ ଜନନେତା ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଜାତୀୟ ନିରାପତ୍ତା ଆଇନରେ ଗିରଫ କରି କେନ୍ଦ୍ର ସରକାର ସଂବିଧାନ ପ୍ରଦତ୍ତ ନାଗରିକର ମୌଳିକ ଗଣତାନ୍ତ୍ରିକ ଅଧିକାରକୁ ଉଲ୍ଲଂଘନ କରିଛନ୍ତି ବୋଲି ଶନିବାର ସନ୍ଧ୍ୟାରେ 'ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ (ଗାସ)'ର ବାଲେଶ୍ୱର ଜିଲ୍ଲା ଶାଖା କମିଟିର ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି। ସ୍ଥାନୀୟ 'ଓଡ଼େଶା ଭବନ'ରେ ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ କମିଟିର ସଂପାଦକ ଦେବରଂଜନଙ୍କ ସମେତ ଉପସଭାପତି ସୁନାକର ବଳ, କବି ବିଜୟ ଉପାଧ୍ୟାୟ, ଜିଲ୍ଲା ଶାଖାର ସଂପାଦକ ଗୋବିନ୍ଦ ଦଳାଇ, ସିଭିଲ୍ ସୋସାଇଟିର ସଂପାଦକ ମନୋଜ ନାୟକ, ଭିଟାମାଟି ସୁରକ୍ଷା ସଂଗଠନ ରାଜ୍ୟନେତା ଅରୁଣ ଜେନା, ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ ଓ ଆଇନଜୀବୀ ନିରଞ୍ଜନ ପରିଡ଼ା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଡବଲ ଇଂଜିନ୍ ସରକାର କିପରି ସମସ୍ତ ବର୍ଗର ନାଗରିକଙ୍କର ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାର ଉପରେ ଆକ୍ରମଣ କରୁଛନ୍ତି, ତାହାର ଦୃଷ୍ଟାନ୍ତ ଦେଇଥିଲେ। ଦେଶରେ ନାଗରିକମାନଙ୍କ ମଧ୍ୟରେ ସାମାଜିକ, ଅର୍ଥନୈତିକ ଅସମାନତା ବୃଦ୍ଧି ପାଉଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ଓ ଜନବିରୋଧି ନୀତିକୁ ବିରୋଧ କଲେ ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଉଛି ଏବଂ ବିଭିନ୍ନ ମିଥ୍ୟା ଅଭିଯୋଗରେ ଗିରଫ କରାଯାଉଛି। ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନଗୁଡ଼ିକୁ ଦମନ କରିବାପାଇଁ ରାଷ୍ଟ୍ର ବଳ ପ୍ରୟୋଗ କରୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଅତୀତରେ ବାଲେଶ୍ୱରରେ ବହୁ ଗଣତାନ୍ତ୍ରିକ ଆନ୍ଦୋଳନ ସଫଳ ହୋଇଛି। ତେଣୁ ବାଲେଶ୍ୱରର ସ୍ୱାଧୀନଚେତା, ଗଣତନ୍ତ୍ରପ୍ରେମୀ ଓ ଶାନ୍ତିକାମୀ ଜନସାଧାରଣ ଐକ୍ୟବଦ୍ଧ ହେବାକୁ ସେମାନେ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାର ତୁରନ୍ତ ସୋନମ୍‌ଙ୍କୁ କାରାମୁକ୍ତ କରିବାକୁ ସଭାରେ ସର୍ବସମ୍ମତ ଦାବି କରାଯାଇଥିଲା। ଇଂ. କାର୍ତ୍ତିକ କୁମାର ମଞ୍ଚ ଆହ୍ୱାନ କରିଥିବାବେଳେ ସମାଜସେବୀ ତଥା ଆଲୋଚନାଚକ୍ରର ଆବାହକ ସୁଦର୍ଶନ ଜେନା ପ୍ରାରମ୍ଭିକ ସୂଚନା ଦେଇ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ। ଇଂ. ଡ. ହୃଷିକେଶ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ମହାନ୍ତି, ଶ୍ରମିକନେତା ଶ୍ୟାମସୁନ୍ଦର ଜେନା, ଶଚୀନ୍ଦ୍ର ଦାସ, ସୀତାରାମ ପ୍ରଧାନ, ବେଣୁଧର ସାହୁ, ପର୍ଶୁରାମ ବିନ୍ଧାଣୀ ଓ ବଂଶୀଧର ଜେନା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆଇଆଇଟି ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା

ଭୁବନେଶ୍ୱର, ୦୬/୧୦ (ନି.ପ୍ର): କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ସମ୍ପ୍ରତି ଆଇଆଇଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା' ସ୍ଥାପନକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପକୁ ସାଂସଦ ହାତ ପାଣ୍ଠି ଯୋଜନା ଅଧୀନରେ ପାଣ୍ଠି ଯୋଗାଇ ଦିଆଯିବ। ପ୍ରକଳ୍ପ ପାଇଁ ଆନୁମାନିକ ୪.୯୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା ଯୁବପିଢ଼ିଙ୍କୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତାରେ ସଜ୍ଜିତ କରି ଭାରତର ଗଭୀର ପ୍ରତିଭା ପୁଲରେ ଯୋଗଦାନ ଦେବ। ଏହି ପ୍ରୟୋଗଶାଳା ଆଇଆଇଟି ଭୁବନେଶ୍ୱରକୁ ସେମିକଣ୍ଡକ୍ଟର ଗବେଷଣା ଏବଂ ଦକ୍ଷତା ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାନିତ କରିବ। ଏହା ସାରା ଭାରତରେ ଆସୁଥିବା ଚିପ୍ ନିର୍ମାଣ ଏବଂ ପ୍ୟାକେଜିଂ ୟୁନିଟ୍ ପାଇଁ ପ୍ରତିଭା ବିକାଶ କରିବାରେ ସାହାଯ୍ୟ କରିବ। ନୂତନ ପ୍ରୟୋଗଶାଳା 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଡିଜାଇନ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ଆହୁରି ପ୍ରୋତ୍ସାହିତ କରିବ। ଏହା ଭାରତର ଦ୍ରୁତ-ବର୍ଦ୍ଧିଷ୍ଣୁ ସେମିକଣ୍ଡକ୍ଟର ଇକୋସିଷ୍ଟମ ପାଇଁ ଏକ ପ୍ରୋତ୍ସାହନକାରୀ ଭାବରେ କାର୍ଯ୍ୟ କରିବ। ଭାରତରେ ବିଶ୍ୱର ୨୦% ଚିପ୍ ଡିଜାଇନ୍ ପ୍ରତିଭା ଅଛନ୍ତି। ଦେଶର ୨୯୫ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଶିଳ୍ପ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ନୂଆ ଇଡିଏ ଉପକରଣ ବ୍ୟବହାର କରୁଛନ୍ତି। ୨୦ଟି ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ୨୮ଟି ଚିପ୍ସ ଏସସିଏଲ ମୋହାଲିରେ ଟେପ୍ କରାଯାଇଛି। କାହିଁକି ଆଇଆଇଟି ଭୁବନେଶ୍ୱର ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ କିଛିଦିନ ପୂର୍ବେ ଅନୁମୋଦନ ମିଳିଛି।

# ମାଲକାନଗିରି ଜିଲ୍ଲା ଟଙ୍ଗଗୁଡା ଦୁର୍ଘଟଣାରେ ଗଲାଣି ୨ ଜଣଙ୍କ ଜୀବନ

ମାଲକାନଗିରି, ୦୬/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ଟଙ୍ଗଗୁଡା ଦୁର୍ଘଟଣାରେ ଗଲାଣି ୨ ଜଣଙ୍କ ଜୀବନ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକ। ଉତ୍ୟକ୍ତ ଲୋକେ ୩୨୬ ନମ୍ବର ଜାତୀୟ ରାଜପଥ ସକାଳ ୬ଟା ରୁ ୧୦ ଟା ପର୍ଯ୍ୟନ୍ତ ଦୀର୍ଘ ୪ ଘଂଟା ଧରି ଅବରୋଧ କରିଥିଲେ। ଫଳରେ ଜୟପୁର - ମାଲକାନଗିରି ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ସୂଚନା ମୁତାବକ, ବ୍ରେକ ଡାଉନ ହୋଇ ରାସ୍ତା ଉପରେ ଗତ ଦୁଇଦିନ ହେଲା ଟ୍ରକଟିଏ ଠିଆ ହୋଇଥିଲା। ସେହି ଟ୍ରକରେ ପିଟି ହୋଇ ପ୍ରଥମ ଦିନରେ ୨ ଜଣ ବାଇକ ଆରୋହୀ ଆହତ ହୋଇଥିଲେ। ଆହତମାନେ କୋରାପୁଟ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ପୁଣି ଶନିବାର ବିଳମ୍ବିତ ରାତ୍ରରେ ସେହି ଟ୍ରକରେ ଆଉ ଗୋଟିଏ ବାଇକ ପିଟି ହୋଇଥିଲା। ଫଳରେ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଆଜି ସକାଳେ ରାସ୍ତାରୋକ କରାଯାଇଥିଲା। ୩୨୬ ନଂ ଜାତୀୟ ରାଜପଥରେ ଧାରଣା ଦିଆଯାଇଥିବାରୁ ଜୟପୁର ମାଲକାନଗିରି ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଅପରପକ୍ଷରେ ଘଟଣାସ୍ଥଳରେ ମାଲକାନଗିରି ଏସଡିପିଓ ଦିବ୍ୟ ରଞ୍ଜନ ଦଳେଇ, ମାଥିଲି ତହସିଲଦାର ମାନସୀ ଭୋଇ, ମାଲକାନଗିରି ଥାନା ଆଇଆଇସି ରିଗାନ କିଣ୍ଡୋ ପହଂଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ଏହାପରେ ସ୍ୱାଭାବିକ ଭାବେ ଯାନବାହାନ ଚଳପ୍ରଚଳ ଆରମ୍ଭ ହୋଇଛି। ଟ୍ରକଟିରେ ଓଜନିଆ ଲୁହାପଥର ବୋଝେଇ ହୋଇଥିବାରୁ ଗାଡିକୁ ହଟାଯାଇ ପାରୁନଥିବା ସୂଚନା ରହିଛି। ଗତକାଲି ରାତ୍ରରେ ମୃତ ବ୍ୟକ୍ତିଙ୍କ ମଧ୍ୟରୁ ଦୁଇ ଜଣଙ୍କ ପରିଚୟ ମିଳିଛି। ସେମାନେ ହେଲେ ମାଲକାନଗିରି ଥାନା ସିନ୍ଧ୍ରିମାଳ ପଂଚାୟତ କଂଗଡ଼ି ଗ୍ରାମର ଭୀମ ଖିଲ ଓ ସୁକୁ ଖିଲ। ପୁଲିସ ମୃତଦେହ ଜବତ କରି ଶବ ବ୍ୟବଛେଦ ନିମନ୍ତେ ପଠାଇ ତଦନ୍ତ ଆରମ୍ଭ କରିଛନ୍ତି। ଗୋଟିଏ ଦିନରେ ଏକା ସାଙ୍ଗରେ ଦୁଇ ଯୁବକଙ୍କର ମୃତ୍ୟୁ ଘଟିଥିବାରୁ କଂଗଡି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ବାଲିଆପାଳ ସରପଞ୍ଚ ପ୍ରତିନିଧିଙ୍କୁ ବିନା କାରଣରେ ବାନ୍ଧି ଅଟକ ରଖିବାକୁ କେନ୍ଦ୍ର କରି ପ୍ରେସ ମିଟ



ଲଙ୍ଗଳେଶ୍ୱର, ୦୬/୧୦ (ନି.ପ୍ର): ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ କୁମାର ଦାସଙ୍କୁ କେତେକ ମୁଷ୍ଟିମେୟ ଲୋକ ବିନା କାରଣରେ ବାନ୍ଧି ରଖିବାକୁ କେନ୍ଦ୍ର କରି ଆଜି ସରପଞ୍ଚ ପ୍ରତିନିଧି ଓ ତାଙ୍କର କେତେକ ସମର୍ଥକ ଏକ ପ୍ରେସ ମିଟ ଡକାଇ ସ୍ୱଷ୍ଟୀକରଣ ଦେଇଛନ୍ତି। ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ କୁମାର ଦାସ ଗତକାଲି ପଦ୍ମ ପୋଖରୀ ସମସ୍ୟା ନେଇ ଆଲୋଚନା କରିବା ପାଇଁ ଯାଇଥିଲେ। କୁଆଡେ ପଦ୍ମ ପୋଖରୀର ଉଦବୃତ୍ତ ପାଇଁ ନିଷ୍କାସନ ନେଇ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା ପାଇଁ ଯାଇଥିଲେ। ସେ ପୋଖରୀ ହୁଡାରେ ଛିଡା ହୋଇ ଥିବା ବେଳେ ଅଚାନକ ଅନୁସୂଚିତ ଜାତି ବସ୍ତିର କେତେ ଜଣ ସ୍ତ୍ରୀ ଓ ପୁରୁଷ ଲୋକ ଘେରି ଯାଇ ଦଉଡ଼ିରେ ବାନ୍ଧି ଥିଲେ। ସେମାନେ ହେଲେ ବୁଦ୍ଧିରାମ ମିର୍ଦ୍ଧା, ମମି ମୁଖି, ବୁଦ୍ଧିରାମ ଜେନା, ମୁନ୍ନା ମିର୍ଦ୍ଧା ଓ ସସ୍ମିତା ମିର୍ଦ୍ଧା। ସେମାନେ କୌଣସି କାରଣ ନଥାଇ ହେମନ୍ତଙ୍କୁ ଦଉଡ଼ିରେ ବାନ୍ଧିବା ସହିତ ପିଟା ମରା କରିଥିଲେ। ଖବର ପାଇ ପୁଲିସ, ତହସିଲଦାର ଘଟଣା ସ୍ଥଳରେ ପହଁଞ୍ଚି ସେମାନଙ୍କ କବଳରୁ ହେମନ୍ତଙ୍କୁ ଉଦ୍ଧାର କରିଥିଲେ। କୁଆଡେ ଉଦବୃତ୍ତ ପୋଖରୀ ପାଣି କୁଆଡେ ନିଷ୍କାସିତ ନ ହେବାରୁ ପୋଖରୀ ହୁଡ଼ାରେ ବେଆଇନ ଭାବେ ଘର କରିଥିବା ଲୋକ ମାନଙ୍କ ଘରକୁ ପାଣି ପଶି କ୍ଷତି କରୁଥିଲା। ଶାନ୍ତିପୂର୍ଣ୍ଣ ଆଲୋଚନାକୁ ଯାଇଥିବା ସରପଞ୍ଚ ପ୍ରତିନିଧିଙ୍କୁ ଦଉଡିରେ ବାନ୍ଧିବା ଠିକ ହୋଇ ନାହିଁ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଏହାକୁ ଅନ୍ୟାୟ ଅବିହିତ କରି ସରପଞ୍ଚ ବନଲତା ଦାସ ଦୋଷୀ ମାନଙ୍କ ବିରୋଧ ରେ କାର୍ଯ୍ୟାନୁଷ୍ଠାନ ଦାବି କରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ପୁଲିସ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଥିଲେ। ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତ ଲୋକମାନେ ହେମନ୍ତ ଓ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅଶୀଳ ଭାଷାରେ ଗାଳି ଗୁଲଜ କରିବା କେତେ ଦୂର ଯୁକ୍ତି ଯୁକ୍ତ ବୋଲି ସରପଞ୍ଚ ପ୍ରଶ୍ନ ଉଠାଇ ଥିଲେ। ତାହାର ମଧ ତଦନ୍ତ ହେଉ ବୋଲି ସେ ଚାହିଁଥିଲେ। ଆଜି ପ୍ରେସ ମିଟ ରେ ସରପଞ୍ଚ ଓ ତାଙ୍କ ସମର୍ଥକ ମାନେ ବାଲିଆପାଳ ପଞ୍ଚାୟତର ବିକାଶରେ ଈର୍ଷାନ୍ୱିତ ହୋଇ ବିରୋଧୀ ମାନେ ତାଙ୍କ ବିରୋଧରେ ମିଥ୍ୟା ଆରୋପ ମାନ ଆଣୁଛନ୍ତି ବୋଲି ସେମାନେ କହିଛନ୍ତି। ପ୍ରକୃତ ସତ୍ୟ ସାମ୍ନା କୁ ଆସୁ ବୋଲି ସେମାନେମଧ କହିଛନ୍ତି। ପୁଲିସ ସମସ୍ତ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରୁ ବୋଲି ସେମାନେ ଦାବି କରିଛନ୍ତି। ଏହି ପ୍ରେସ ମିଟ ରେ ପ୍ରତାପ କୁମାର ପାତ୍ର, କ୍ଷୀତିଶ ଜେନା, ରଘୁନାଥ ପାତ୍ର, ଗୋପାଳ ଚନ୍ଦ୍ର ଜେନା, ଦେବେନ୍ଦ୍ର ସାହୁ, ନଗେନ୍ଦ୍ର ପାତ୍ର, ସନ୍ତୋଷ ପାତ୍ର, ଅଜୟ ଗିରି, ସୁଶାନ୍ତ ଦାସ, ରତ୍ନାକର ଦାସ, ସୁଧାଂଶୁ ଧଳ, ଦିଲ୍ଲିପ ମଲ୍ଲିକ, ସଞ୍ଜୟ ଧଳ, ଅଶୋକ ଜେନା, ଶେଖ ଇମତାଜ ଅଲ୍ଲୀ, ରିୟାନୁ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶଙ୍କର ପୃଷ୍ଟି ହେଉ ବା ଆଉ କେହି ହୁଅନ୍ତୁ କାହାକୁ ଛଡା ଯିବନି: ବାବୁ ସିଂ

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଶଙ୍କର ପୃଷ୍ଟି ହେଉ କି ସୁବ୍ରତ ଛାଟୋଇ କାହାକୁ ଛଡ଼ାଯିବନି ବୋଲି କହିଛନ୍ତି ବିଜେପି ବିଧାୟକ ବାବୁ ସିଂ। ଏସଆଇ ନିଯୁକ୍ତି ମହାଘୋଟାଲା ନେଇ ବିଜେପି ବିଧାୟକ ବାବୁ ସିଂ ଏହା କହିଛନ୍ତି।

ଏ ସମ୍ପର୍କରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଶ୍ରୀ ସିଂହ କହିଛନ୍ତି ଯେ, ଶଙ୍କର ପୃଷ୍ଟି ବ୍ରହ୍ମପୁର ଯେଉଁ ଘରେ ଅଫିସ ଚଳାଉଥିଲା, ସେ ଘର କାହାର? ବିଜେଡ଼ି ନେତାଙ୍କ ଘର ନୁହଁ ତ? ଶଙ୍କର ପୃଷ୍ଟି ହେଉ କି ସୁବ୍ରତ ଛାଟୋଇ ହେଉ। ଯେଉଁଠି ଚାଦର ଘୋଡାଇ ହୋଇ ଲୁଚିଲେ ବି ଜମା ଛାଡିବନି।

ସେ କହିଛନ୍ତି ଯେ, ଦୁର୍ନୀତି ତ ହେଉଥିଲା କିନ୍ତୁ ଧରାପଡିଲେ କେତେବେଳେ! ବିଜେପି ସରକାର ରେ। ଧରାପଡିଲେ। ୨୦୧୯, ୨୦୨୨ ରେ ଚାକିରୀ ଦୁର୍ନୀତି କଥା ଦେଖନ୍ତୁ। ଆଜି ଯେଉଁମାନେ ଚାକିରୀ କରିଛନ୍ତି, କେମିତି କରିଛନ୍ତି। ୧୧୮ ଜଣ ଧରାପଡିଲେଣି। କେବଳ ଛୋଟ ମାଛ ନୁହେଁ ବଡ ମାଛ ଙ୍କ ସମୟ ଆସୁଛି। ଗୋଟିଏ ପଂଚାୟତ ର ୨୫ ଜଣ ପିଲା ଚାକିରୀ ପାଇଥିଲେ ବିଗତ ଦିନରେ। ଅତୀତର ସରକାର ରେ ଦୁର୍ନୀତି ବଢିଥିଲା।

ସେ ପ୍ରଶ୍ନ କରିଛନ୍ତି, ସୁବ୍ରତ ଛାଟୋଇ କେଉଁ ଦଳର! ସେ ବିଜେଡ଼ି ର। ବିଜେଡ଼ି ନେତା ତାଙ୍କୁ ଛତା ଧରି ସୁରକ୍ଷା ଦେଉଥିଲେ। ୫୦ ରୁ ୬୦ ପ୍ରତିଶତ ଚାକିରି ଗୋଟିଏ ସଂସ୍ଥା ରୁ ପାଉଥିଲେ। କେବଳ ଶ୍ୱସ ନୁହଁ ବିଗତ ସରକାର ସମୟରେ ଅନେକ ନିଯୁକ୍ତି ରେ ସେଇ ସଂସ୍ଥା ରୁ ପିଲା ଦୁର୍ନୀତି ମାଧ୍ୟମରେ ଚାକିରି ପାଇଛନ୍ତି। ବିଗତ ସରକାର ଏ ଚାକିରି ଦୁର୍ନୀତି ବାଟ ଦେଖାଇଥିଲା ଆମ ସରକାର ସେ ବାଟ ବନ୍ଦ କରୁଛି। ସେ କହିଛନ୍ତି ଯେ ମୁହଁ ଘୋଡାଇ ବାକୁ ବିଜେଡ଼ି ଆନ୍ଦୋଳନ କରିବ। ଫଟୋ କାହା ସହିତ ଯଦି ଥାଏ ତାକୁ ନେଇ ବିଜେଡ଼ି ରାଜନୀତି କରୁ ଥାଏ ତେବେ ତାଙ୍କ ଦଳର ଅଧେ ନେତା ବନ୍ଧା ହେବେ। ବହୁ ଅପରାଧି ଙ୍କ ସହିତ ବିଜେଡ଼ି ନେତାଙ୍କ ଫଟୋ ଅଛି ବୋଲି ସେ କହିଛନ୍ତି।

# ସାମ୍ବାଦିକ ପ୍ରଭାକର ପଟ୍ଟନାୟକଙ୍କ ଅକାଳ ବିୟୋଗ

ମୁଖୀଗୁଡା, ୦୬/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣାର ବରିଷ୍ଠ ସାମ୍ବାଦିକ ପ୍ରଭାକର ପଟ୍ଟନାୟକ(୫୧) ଙ୍କ ଅକାଳ ବିୟୋଗ ଘଟିଛି। ଗତକାଲି ବିଳମ୍ବିତ ରାତିରେ ନିଜ ବାସଭବନରେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଛି। ସେ ଓଡିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ର ସକ୍ରିୟ ସଭ୍ୟ ସହ କଳାହାଣ୍ଡି ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ରହିଥିଲେ। ଦୀର୍ଘ ବର୍ଷ ଧରି ସେ 'ଧରିତ୍ରୀ' ଖବରକାଗଜର ଜୟପାଟଣା ବ୍ଲକ ପ୍ରତିନିଧି ରହି ଅଂଚଳର ସମସ୍ୟାକୁ ପ୍ରଶାସନ ନିକଟରେ ଉପସ୍ଥାପନ କରି ଆସୁଥିଲେ। ବଳଭଦ୍ର ମାଝୀ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ବିଧାୟକ ଥିବା ସମୟରେ ସେ ବିଧାୟକଙ୍କ ଜୟପାଟଣା ବ୍ଲକ ପ୍ରତିନିଧି ରହି ଜୟପାଟଣା ବ୍ଲକ ଅଂଚଳର ଅନେକ ବିକାଶମୂଳକ କାମ କରିଥିଲେ। ଏହାସହ ଗୀତା ଭବନ, ରାମମନ୍ଦିର ସହ ବିଭିନ୍ନ ସାମାଜିକ ସଂଗଠନ ସହ ଜଡିତ ରହି ବିକାଶ ପାଇଁ କାର୍ଯ୍ୟ କରି ଆସୁଥିଲେ। ତାଙ୍କର ଅକାଳ ବିୟୋଗରେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ସମାଜସେବୀ ଶେଷଦେବ ବେହେରା, ପ୍ରବୀଣ ମୁଣ୍ଡ, ପ୍ରକାଶ ଦୁରିଆ, ରୁଦ୍ର ପାଣିଗ୍ରାହୀ, ବରିଷ୍ଠ କଂଗ୍ରେସ ନେତା ହେମନ୍ତ ପଣ୍ଡା, ଗଙ୍ଗାଧର ପାତ୍ର, ଗଙ୍ଗା ମାଝୀ, ଭାରତେନ୍ଦୁ ବେହେରା, ଦିଲ୍ଲୀପ ବେହେରା, ସୁବାସ ମୁଣ୍ଡ, ପ୍ରବୀର ବେହେରା, ସମାଜ ଜିଲ୍ଲା ପ୍ରତିନିଧି ପ୍ରଶାନ୍ତ ପଣ୍ଡା, ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି, ସମ୍ପାଦକ କମ୍ବୁପାଣି ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ ସିଂଦେଓଙ୍କ ସମେତ ଜିଲ୍ଲା ସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଛି।

# ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଇଂରେଜ ସରକାରଙ୍କ ରାଜତ୍ୱ କାଳରେ ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରେ ସାଧାରଣ ପ୍ରଜାମାନେ ବିଭିନ୍ନ ଭାବରେ ଶୋଷଣ ଓ ଅତ୍ୟାଚାରରେ ଜର୍ଜରିତ ହେଉଥିଲେ। ସେତେବେଳେ ଇଂରେଜ ସରକାର ତାଙ୍କର ଶାସନ ପ୍ରଣାଳୀକୁ ସରଳ କରିବା ଉଦ୍ଦେଶ୍ୟରେ ସମଗ୍ର ଓଡ଼ିଶାକୁ ଦୁଇ ଭାଗରେ ବିଭକ୍ତ କରି ମୋଗଲବନ୍ଦୀ ଏବଂ ଗଡ଼ଜାତ ଅଂଚଳ ଭାବେ ନାମିତ କରିଥିଲେ। ମୋଗଲବନ୍ଦୀ ଅଂଚଳଗୁଡ଼ିକରେ ଜମିଦାରମାନେ ଏବଂ ଗଡ଼ଜାତ ଅଂଚଳମାନଙ୍କରେ ରାଜାମାନେ ଶାସନ ନାମରେ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ। ଏହିସବୁ ଗଡ଼ଜାତ ଆନ୍ଦୋଳନ ମଧ୍ୟରୁ ୧୯୩୮ ମସିହାରେ ସଂଗଠିତ ହୋଇଥିବା ଢେଙ୍କାନାଳ ଗଡ଼ଜାତ ଆନ୍ଦୋଳନ ସେତେବେଳେ ସମଗ୍ର ଭାରତବର୍ଷରେ ଆଲୋଡ଼ନ ସୃଷ୍ଟି କରିଥିଲା। ଭାରତର ସ୍ୱାଧୀନତା ସଂଗ୍ରାମ ସ୍ରୋତରେ ଦେଶର ସର୍ବକନିଷ୍ଠ ଦେଶଭକ୍ତ ୧୨ ବର୍ଷର ବାଳକ ବାଜି ରାଉତ ତାଙ୍କ ଜୀବନକୁ ବାଜି ଲଗାଇ ଶହୀଦ ହୋଇଯାଇଥିଲେ। ୧୯୨୬ ମସିହା ଅକ୍ଟୋବର ମାସ ୫ ତାରିଖ ଦିନ ଢେଙ୍କାନାଳ ଜିଲ୍ଲାର ନୀଳକଣ୍ଠପୁର ଗ୍ରାମରେ ଏକ ଗରିବ ଖଣ୍ଡାୟତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଶହୀଦ ବାଜି ରାଉତ। ସର୍ବ କନିଷ୍ଠ ବାଜି ରାଉତ ଥିଲେ ମୁକ୍ତି ସଂଗ୍ରାମର ଅନ୍ୟତମ ସଂଗ୍ରାମୀ ଓ ଗଡ଼ଜାତର ସୂର୍ଯ୍ୟ। ପଙ୍କରୁ ପଦ୍ମ ଜନ୍ମ ନେଲା ପରି ଏକ ଅନ୍ଧାରୀ ମୁଲକରେ ଜନ୍ମ ହୋଇଥିଲେ ମଧ୍ୟ ସେ ସାରା ଜାତି ଓ ନିଜର ଜନ୍ମଭୂମି ପାଇଁ ଜୀବନ ଉତ୍ସର୍ଗ କରି ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏକ ପ୍ରେରଣାର ଉତ୍ସ ହୋଇ ରହିଗଲେ। ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାନସଭା ପାର୍ଶ୍ୱସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ବିଧାୟକ ଶ୍ରୀ ବାବୁ ସିଂ ଓ ଶ୍ରୀ ଅନନ୍ତ ନାରାୟଣ ଜେନା, ସମାଜସେବୀ ଶ୍ରୀ ଜଗନ୍ନାଥ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ବିଧାନସଭା ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଶ୍ରୀ ଗୁର୍ବୀ ସିଂ ପ୍ରମୁଖ ଉପସ୍ଥିତ ରହି ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## କ୍ଷତିକାରକ ଧୂମପାନ



ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ । ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ ଏବଂ ସେ ବ୍ୟବହାର କରୁଥିବା ଜଳନ୍ତା ସିଗାରେଟ୍ କିମ୍ବା ବିଡିର ଅଂଶରୁ ବାହାରୁଥିବା ଧୂଆଁ । ପରିସଂଖ୍ୟାନ ତଥ୍ୟାନୁଯାୟୀ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ । ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ । ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି । ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ । ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ । ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ । ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର ଅଟେ । ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ । ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ । ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ । ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ । ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ ।

## ଅଧିକ ଫ୍ୟାଟ୍ ଯୁକ୍ତ ଖାଦ୍ୟ ଖାଉଛନ୍ତି କି ? ଦେଖାଦେଇପାରେ ଏସବୁ ସମସ୍ୟା



ଆମେ ସବୁବେଳେ ସୁଷମ ଖାଦ୍ୟ ଖାଇବା ଦରକାର । ଯଦି ଏଣୁତେଣୁ ଖାଦ୍ୟ ଖାଇବା ଅଭ୍ୟାସରେ ପଡ଼ିଥାଏ ତେବେ ଏହା କିଛି ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ । ବିଶେଷଭାବରେ ଜଣେ ବ୍ୟକ୍ତି ଫ୍ୟାଟ୍‌ଜାତୀୟ ଖାଦ୍ୟ ପ୍ରତି ଅଧିକ ସର୍ତକତା ଅବଲମ୍ବନ କରିବା ଦରକାର । କାରଣ ଏହାର ଖରାପ ପ୍ରଭାବ ଅଧିକ ପରିମାଣରେ ଶରୀର ଉପରେ ପଡ଼ିଥାଏ । ଏଭଳି ଖାଦ୍ୟ ସବୁବେଳେ ଖାଇଲେ ତାହାଦ୍ୱାରା ଷ୍ଟ୍ରୋକ୍ ଆଶଙ୍କା ରହିଛି ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି । ଏଭଳି ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ । ପ୍ରାୟ ନିୟମିତ ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା । ଅନ୍ୟପକ୍ଷରେ ଏହାର ପ୍ରଭାବ ସେମାନଙ୍କର ମସ୍ତିଷ୍କ ଉପରେ ପଡୁଛି ତାହାକୁ ସେମାନେ ତନ୍ନ ତନ୍ନ କରି ନିରୀକ୍ଷଣ କରିଥିଲେ । ପରିଶେଷରେ ଜଣାପଡିଥିଲା ଯେ, ଏଭଳି ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ବ୍ରେନ୍ ଷ୍ଟ୍ରୋକ୍‌ର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ମିଳିଥିଲା । ତେଣୁ ଏଭଳି ଖାଦ୍ୟ ଖାଇବା ଅଭ୍ୟାସକୁ ଯେତେ ସୀମିତ ରଖିବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ।




ଲୋକମାନେ ମଧ୍ୟ ଭାବି ଥାଆନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଖାଇଲେ ଦେହର ବିଭିନ୍ନ ଅଙ୍ଗ ପ୍ରତ୍ୟେଙ୍ଗ ଉପରେ ଖରାପ ପ୍ରଭାବ ପକାଇଥାଏ । ମାତ୍ର ଏସବୁ ଭୁଲ ଧାରଣା । ସମସ୍ତେ ଜାଣିରଖିବା ଉଚିତ ଯେ ମାନସିକ ରୋଗର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧଗୁଡ଼ିକୁ ଖାଇଲେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଉପରେ କୌଣସି ଖରାପ ପ୍ରଭାବ ପଡ଼ି ନ ଥାଏ । ଆମ ସମାଜରେ ଲୋକଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ମାନସିକ ରୋଗ ଠିକ୍ ? ହୋଇଯାଏ । ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣର୍ ଭୁଲ । ବରଂ ବିବାହ ଏହି ରୋଗୀଙ୍କୁ ଅଯଥାରେ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ପରିସ୍ଥିତିକୁ ଠେଲିଦିଏ । ମାନସିକ ଅବସ୍ଥା ଠିକ ନ ଥିଲା ବେଳେ ସଂସାର ଆରମ୍ଭ କରିବା, ପରସ୍ପରର ଦାୟିତ୍ୱ ନେବା ବରଂ ଚିନ୍ତାଜନକ ହୋଇପାରେ ଓ ରୋଗର ପରିଣତି ଉପରେ କୁପ୍ରଭାବ ପକାଇପାରେ । ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ସମ୍ପର୍କରେ ରୋଗୀ ଓ ତା’ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ । ଲୋକମାନେ ଭାବିଥାନ୍ତି ଯେ ମାନସିକ ରୋଗଗୁଡ଼ିକର ଚିକିତ୍ସା କେବଳ ଔଷଧ ଦ୍ୱାରା ହିଁ ହୋଇପାରିବ । ମାତ୍ର ସମସ୍ତେ ଜାଣିରଖିବା ଉଚିତ କେତେକ ମାନସିକ ସମସ୍ୟା (ଯେମିତିକି ଡିପ୍ରେସନ, ଆଙ୍ଗଜାଇଟି) ଅଛି ଯେଉଁଥିରେ ଯଦି ଆପଣ ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା ପାଇଁ ଆସୁଛନ୍ତି ତେବେ ଆପଣ କେବଳ ନିୟମିତ କାଉନସେଲିଙ୍ଗ ଦ୍ୱାରା ମଧ୍ୟ ଭଲ ହୋଇପାରିବେ । ବେଳେବେଳେ ଦରକାର ପଡ଼ିଲେ କେତେକ ମାନସିକ ସମସ୍ୟାରେ (ସ୍କିଜୋଫ୍ରେନିଆ, କାଟାଟୋନିଆ, ବାଇପୋଲାର) ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦରକାର ପଡ଼ିଥାଏ । ଯେତେବେଳେ ରୋଗୀ ଔଷଧରେ ଆରୋଗ୍ୟ ଲାଭ କରେ ନାହିଁ, ରୋଗୀ ଔଷଧ ଖାଇବାକୁ ଆଦୌ ରାଜି ହୁଏ ନାହିଁ, ରୋଗୀଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ, ରୋଗୀ ଖାଦ୍ୟ ଖାଇବା ବନ୍ଦ କରିଦିଏ କିମ୍ବା ରୋଗୀ ଅଧିକାଂଶ ସମୟ ଉତ୍ତେଜିତ ହୋଇ ରହେ ସେତେବେଳେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ଦରକାର ପଡ଼ିଥାଏ । ଲୋକମାନଙ୍କ ମଧ୍ୟରେ ଏକ ଧାରଣା ଅଛି ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ବହୁତ କଷ୍ଟଦାୟକ, ଯେମିତି ଫିଲ୍ମରେ ସକ୍ ଦିଆଯିବାର ଦେଖାଯାଏ, ସେହିପରି ହସ୍ପିଟାଲରେ ମଧ୍ୟ ସକ୍ ଥେରାପି ଦିଆଯାଏ । ମାତ୍ର ବର୍ତ୍ତମାନ ବ୍ୟବହାର କରାଯାଉଥିବା ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ସମ୍ପୂର୍ଣ୍ଣ ସୁରକ୍ଷିତ । ଏବେ ନିଶ୍ଚେତକ ସାହାଯ୍ୟରେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦିଆଯାଉଛି । ଏହାର ବ୍ୟବହାର ଦ୍ୱାରା ରୋଗୀଠାରେ କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଉ ନାହିଁ କି ରୋଗୀକୁ କୌଣସି କଷ୍ଟ ହେଉନାହିଁ । ତେଣୁ ମାନସିକ ରୋଗର କାରଣ, ଲକ୍ଷଣ ଓ ଚିକତ୍ସା ସମ୍ବନ୍ଧରେ ଆମେ ସମସ୍ତେ ସଚେତନ ରହିବା ଉଚିତ । ମାନସିକ ରୋଗ ସହିତ ଜଡ଼ିତ ନିନ୍ଦା, ଅପବାଦ ଓ ଲାଜକୁ ଆମ ସମାଜରୁ ସମ୍ପୂର୍ଣ୍ଣ ଭାବେ ଦୂରେଇବାର ସମୟ ଆସିଯାଇଛି । ପ୍ରାରମ୍ଭିକ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା କଲେ ସବୁ ମାନସିକ ରୋଗର ଚିକସା ସମ୍ପୂର୍ଣ୍ଣ ସମ୍ଭବ ।

## କେମିତି ନିୟନ୍ତ୍ରଣ ରଖିବେ ଓଜନ : ଜାଣନ୍ତୁ ସିକ୍ରେଟ୍ ଫର୍ମୁଲା




ଓଜନ ବୃଦ୍ଧି ପାଇବା ଏବେ ପ୍ରାୟ ଏକ ସାଧାରଣ କଥା ପାଲଟି ଗଲାଣି । ତେବେ ଏଥିପାଇଁ ଆମକୁ ଖାଦ୍ୟପେୟ, ବ୍ୟାୟାମ ଆଦି ଉପରେ ଗୁରୁତ୍ୱ ଦେବାକୁ ପଡିଥାଏ । ତେବେ ଏଭଳି ଏକ ଖାଦ୍ୟ ଅଛି ଯାହାକୁ ନିୟମିତ ଖାଇଲେ ଓଜନ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ । ତାହା କ’ଣ ଜାଣନ୍ତି ? ଗାଜର । ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି । ଏହାକୁ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଅସ୍ଥି ମଜଭୂତ ରହିଥାଏ । ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ରହିଛି, ଯାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ । ଏଥିରେ ଭିଟାମିନ୍-ସି ଥିବାରୁ ତାହା ଶରୀରରେ ଆଣ୍ଟିବଡି ଗଠନକରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ଗାଜରରେ ପୋଟାସିୟମ ଓ କ୍ୟାଲ୍‌ସିୟମର ମାତ୍ରା ମଧ୍ୟ ରହିଛି । ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ହୃତ୍‌ପିଣ୍ଡ ପାଇଁ ମଧ୍ୟ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ । ଏଥିରେ ଫାଇବର ପ୍ରଚୁର ପରିମାଣରେ ରହିଛି । କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ । ଏହା ଚର୍ମକୁ ସତେଜ ରଖିବା ସହ କେଶ ଝଡ଼ିବାକୁ ଦେଇ ନ ଥାଏ ।

## ରିସର୍ଚ୍ଚରୁ ଖୁଲାସା : ଭାରତୀୟଙ୍କୁ କ୍ୟାନ୍‌ସର ହେବା ସମ୍ଭାବନା ୧୧ ପ୍ରତିଶତ



ଭାରତରେ ଜୀବନକାଳ ଭିତରେ କର୍କଟ ରୋଗ ହେବାର ଆଶଙ୍କା ପ୍ରାୟ ୧୧ ପ୍ରତିଶତ ରହିଛି । ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର)ର ଏକ ନୂତନ ଅଧ୍ୟୟନ ଅନୁଯାୟୀ ମିଜୋରାମରେ ଏହି ବିପଦ ପ୍ରାୟ ଦୁଇଗୁଣ- ପୁରୁଷଙ୍କ ପାଇଁ ୨୧.୧ ପ୍ରତିଶତ ଓ ମହିଳାଙ୍କ ପାଇଁ ୧୮.୯ ପ୍ରତିଶତ । ବଡ଼ ମହାନଗରଗୁଡ଼ିକ ମଧ୍ୟରେ ଦିଲ୍ଲୀରେ ପୁରୁଷଙ୍କଠାରେ କର୍କଟ ହାର ସର୍ବାଧିକ ଥିବା ବେଳେ ଶ୍ରୀନଗରରେ ଫୁସ୍‌ଫୁସ୍ କର୍କଟ ରୋଗ ସମ୍ଭାବନା ସର୍ବାଧିକ ରହିଛି । ଭାରତର ଡାକ୍ତରୀ ଗବେଷଣା ପ୍ୟାନେଲର ଏହି ଅଧ୍ୟୟନରେ ଦେଶରେ ବଢୁଥିବା କର୍କଟ ମାମଲାକୁ ନେଇ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି । ନ୍ୟାସନାଲ କ୍ୟାନ୍‌ସର ରେଜିଷ୍ଟ୍ରି ପ୍ରୋଗ୍ରାମ୍ ଇନ୍‌ଭେଷ୍ଟିଗେଟର ଗ୍ରୁପ୍‌ର ନେତୃତ୍ୱ ନେଇଥିଲା, ଯେଉଁଥିରେ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର), ଟାଟା ମେମୋରିଆଲ ସେଣ୍ଟର ଓ ଡକ୍ଟର ବିଆର ଆମ୍ବେଡ଼କର ଇନ୍‌ଷ୍ଟିଚ୍ୟୁଟ୍ ରୋଟାରୀ କ୍ୟାନସର ହସ୍ପିଟାଲ ଓ ଦିଲ୍ଲୀ ଏମ୍ସର ବୈଜ୍ଞାନିକମାନେ ସାମିଲ ଥିଲେ ଏବଂ ୪୩ଟି ଜନସଂଖ୍ୟାଭିତ୍ତିକ କର୍କଟ ପଞ୍ଜୀକରଣର ତଥ୍ୟକୁ ବ୍ୟବହାର କରି ସମଗ୍ର ଭାରତରେ ୭ ଲକ୍ଷରୁ ଅଧିକ କର୍କଟ ମାମଲା ଏବଂ ୨ ଲକ୍ଷରୁ ଅଧିକ ମୃତ୍ୟୁର ବିଶ୍ଳେଷଣ କରିଥିଲେ । ମିଜୋରାମରେ ଆଇଜଲ ଜିଲ୍ଲାରେ ପ୍ରତି ୧ ଲକ୍ଷ ପୁରୁଷଙ୍କ ମଧ୍ୟରେ ୨୫୬ ଏବଂ ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରେ ୨୧୭ ଜଣ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି । ପୁରୁଷମାନଙ୍କ ମଧ୍ୟରେ ସବୁଠାରୁ ସାଧାରଣ କର୍କଟ ମୁଖଗହ୍ୱର, ଫୁସ୍‌ଫୁସ୍ ଓ ପ୍ରୋଷ୍ଟେଟ୍ କର୍କଟ ହୋଇଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ସ୍ତନ, ଗର୍ଭାଶୟ ଗ୍ରୀବା ଓ ଡିମ୍ବାଶୟ କର୍କଟ ଥିଲା । ମୁଖଗହ୍ୱର କର୍କଟରେ ଏକ ଚିନ୍ତାଜନକ ଧାରା ଦେଖିବାକୁ ମିଳିଥିଲା । ଅହମଦାବାଦରେ ମୁଖଗହ୍ୱର କର୍କଟ ପୁରୁଷଙ୍କଠାରେ ୪.୭% ଓ ମହିଳାଙ୍କଠାରେ ୬.୯% ବୃଦ୍ଧି ପାଇଛି । ଜାମା ନେଟୱାର୍କ ଓପନରେ ପ୍ରକାଶିତ ଏହି ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି ଯେ ଦେଶର କେତେକ ସ୍ଥାନରେ ସାମଗ୍ରିକ କର୍କଟ ମାମଲା କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଉଦାହରଣ ସ୍ୱରୂପ, କାମରୂପ ସହରାଞ୍ଚଳ (ଆସାମ)ରେ ପୁରୁଷଙ୍କଠାରେ କର୍କଟ ମାମଲା ବାର୍ଷିକ ୩.୩ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ତିରୁଅନନ୍ତପୁରମ୍ (କେରଳ)ରେ ମହିଳାଙ୍କ କ୍ଷେତ୍ରରେ ବାର୍ଷିକ ୩.୪ ପ୍ରତିଶତ ବୃଦ୍ଧି ଘଟିଛି । ଗବେଷକମାନେ ଆକଳନ କରିଛନ୍ତି ଯେ, କେବଳ ୨୦୨୪ରେ ଭାରତରେ ପ୍ରାୟ ୧୫ ଲକ୍ଷ ୬୨ ହଜାର ୯୯ ଜଣ ନୂତନ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି ଏବଂ ୮ ଲକ୍ଷ ୭୪ ହଜାର ୪୦୪ ଜଣ ଏହି ରୋଗରେ ପ୍ରାଣ ହରାଇଛନ୍ତି । ଅଧ୍ୟୟନ ଅନୁଯାୟୀ, ଭାରତରେ କର୍କଟକୁ ନିୟନ୍ତ୍ରଣ କରିବା ପାଇଁ ସଚେତନତା, ପ୍ରତିରୋଧ ଓ ଶୀଘ୍ର ଚିହ୍ନଟ ଉପରେ ଧ୍ୟାନ ଦେବା ପାଇଁ ମିଳିତ ପ୍ରୟାସ ଆବଶ୍ୟକ । ପ୍ରତିରୋଧ ସହିତ କର୍କଟ ଚିକିତ୍ସା ସୁବିଧାରେ ଉନ୍ନତି ଆଣିବା ଓ ସେବାକୁ ବିସ୍ତାର କରିବା ଜରୁରୀ, ବିଶେଷକରି ଯେଉଁ ଅଞ୍ଚଳରେ କର୍କଟ ମାମଲା ଅଧିକ ଥାଏ ।

## ବାରମ୍ବାର ରୋଗରେ ପଡୁଥିବା ଲୋକ ଖାଦ୍ୟରେ ସାମିଲ କରନ୍ତୁ ଏହି ଫଳ : ବଢ଼ିବ ଇମ୍ୟୁନିଟି




ପ୍ରାୟତଃ ପ୍ରତି ଘରେ ଏମିତି ଜଣେ ବ୍ୟକ୍ତି ଥିବେ ଯାହାଙ୍କୁ ଯେତେବେଳେ ବି ଦେଖ କିଛି ନା’ କିଛି ରୋଗ ଲାଗିରହିଥିବ । ବାରମ୍ବାର ଅସୁସ୍ଥ , ସାମାନ୍ୟ ଜ୍ୱର ଏବଂ ଥଣ୍ଡା, କାଶ, ଛିଙ୍କ ଭଳି ସମସ୍ୟା ଲାଗିରହିଥିବ । ଏହା ସାଧାରଣତଃ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) କାରଣରୁ ହୋଇଥାଏ । ପାଣିପାଗ ବଦଳିବା ସହିତ ଅସୁସ୍ଥ ହେବାର ସମସ୍ୟା ଦେଖାଯାଉଛି ତେବେ ଆପଣଙ୍କୁ ନିଜ ଖାଦ୍ୟରେ ଏପରି ଦ୍ରବ୍ୟ ସାମିଲ କରିବା ଉଚିତ ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ପାଇଁ ସାହାଯ୍ୟ କରିବ । ଫଳ, ବିନ୍ସ, ଡ୍ରାଏ ଫ୍ରୁଟ୍ସ , ପନିପରିବା, ଲିନ୍ ପ୍ରୋଟିନରେ ଭରପୂର ଏକ ସନ୍ତୁଳିତ ଆହାର ଶରୀରକୁ ସୁସ୍ଥ ରଖିବା ଏବଂ ରୋଗରୁ ରକ୍ଷା କରିବା ପାଇଁ ଜରୁରୀ । ଓଟ୍ସ, କିନୋଆ, ସ୍ପ୍ରାଉଟ୍ସ ଏବଂ ଚଣା ଭଳି ଖାଦ୍ୟ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ଉଚିତ । ଏଥିରେ ଭରପୂର ମାତ୍ରାରେ ମିନେରାଲ୍ସ ଏବଂ ଭିଟାମିନ୍ସ ଥାଏ, ଯାହା ଶରୀରକୁ ଭିତରୁ ପୋଷଣ ଦିଏ ଏବଂ ଶକ୍ତିଶାଳୀ କରେ । ଏତଦ୍ ବ୍ୟତୀତ, ଭରପୂର ମାତ୍ରାରେ ପର୍ଯ୍ୟାପ୍ତ ନିଦ, ଫିଜିକାଲ ଆକ୍ଟିଭିଟି ଏବଂ ଚାପକୁ କମ୍ କରିବା ମଧ୍ୟ ନିହାତି ଜରୁରୀ । ଏଠାରେ ଆମେ ଆପଣଙ୍କୁ କିଛି ଏପରି ଖାଦ୍ୟ ବିଷୟରେ କହୁଛୁ, ଯାହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ବହୁତ ସାହାଯ୍ୟ କରେ । ଯଦି ଆପଣ ନିଜର ଇମ୍ୟୁନିଟିକୁ ବଢ଼ାଇବାକୁ ଚାହୁଛନ୍ତି, ତେବେ ଆପଣଙ୍କୁ ନିଜର ଡେଲି ଡାଏଟରେ ଭିଟାମିନ ସି ରିଚ୍ ଫଳର ସେବନ କରିବା ଉଚିତ । କମଳା, ଲେମ୍ବୁ , କିୱି, ଅମୃତଭଣ୍ଡା ଭଳି ଫଳରେ ଭିଟାମିନ ସି ପ୍ରଚୁର ମାତ୍ରାରେ ଥାଏ ଯାହା ଇମ୍ୟୁନିଟିକୁ ବଢ଼ାଏ । ଖଟା ଫଳ ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ, ଯାହା ସଂକ୍ରମଣ ସହିତ ଲଢ଼ିବା ପାଇଁ ଧଳା ରକ୍ତ କୋଷିକାର ଉତ୍ପାଦନକୁ ଉତ୍ତେଜିତ କରିଥାଏ । ଏଥିରେ ଆଣ୍ଟିଅକ୍ସିଡେଣ୍ଟ ମଧ୍ୟ ଥାଏ, ଯାହା କୋଷିକାଗୁଡ଼ିକୁ ନଷ୍ଟ ହେବାରୁ ବଞ୍ଚାଇଥାଏ, ଫ୍ଲେଭୋନଏଡ୍ସ ଥାଏ, ଯାହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ ଏବଂ ଖଟା ଫଳରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ହଜମରେ ସାହାଯ୍ୟ କରେ ଏବଂ ଆପଣଙ୍କ ଓଜନକୁ ମଧ୍ୟ ନିୟନ୍ତ୍ରଣରେ ରଖେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନିର୍ବାଚନୀ 'ଫ୍ରିବିଜ୍': ଅର୍ଥନୀତି ଓ ଗଣତନ୍ତ୍ର ଉପରେ ପ୍ରହାର

ଭାରତୀୟ ଗଣତନ୍ତ୍ରରେ ନିର୍ବାଚନ ଏକ ମହତ୍ୱପୂର୍ଣ୍ଣ ଅଙ୍ଗ। କିନ୍ତୁ, ନିକଟ ଅତୀତରେ ଏହି ନିର୍ବାଚନ ପ୍ରକ୍ରିୟାକୁ କ୍ଷତିଗ୍ରସ୍ତ କରୁଥିବା ଏକ ଚିନ୍ତାଜନକ ଧାରା ଦେଖାଦେଇଛି, ଯାହାକୁ ସାଧାରଣତଃ 'ଫ୍ରିବିଜ୍' ବା 'ମାଗଣା ଯୋଜନା' ରାଜନୀତି କୁହାଯାଏ । ବିହାରରେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ଦଳ ଦ୍ୱାରା ଏହି ମାଗଣା ଯୋଜନାର ବଣ୍ଟନ କେବଳ ରାଜ୍ୟର ଅର୍ଥନୀତି ପାଇଁ ନୁହେଁ, ବରଂ ଆମ ଗଣତନ୍ତ୍ରର ଭବିଷ୍ୟତ ଏବଂ ଦେଶର ସାମଗ୍ରିକ ବିକାଶ ପାଇଁ ମଧ୍ୟ ଏକ ଗମ୍ଭୀର ବିପଦ ସୃଷ୍ଟି କରୁଛି । ଏହା ଏକ ଏପରି ମାରାତ୍ମକ ରାଜନୀତି ଯାହା ସ୍ୱଳ୍ପକାଳୀନ ରାଜନୈତିକ ଲାଭ ପାଇଁ ଦୀର୍ଘକାଳୀନ ବିକାଶକୁ ବଳି ଦେଇଥାଏ ।

ମାଗଣା ଯୋଜନାର ରାଜନୀତି କାହିଁକି ଏତେ ବିପଜ୍ଜନକ? ପ୍ରଥମତଃ, ଏହା ରାଜ୍ୟର ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଥାଏ । ବିହାର ଭଳି ରାଜ୍ୟ, ଯାହା ପୂର୍ବରୁ ହିଁ ଆର୍ଥିକ ସଙ୍କଟ ଦେଇ ଗତି କରୁଛି, ସେଠାରେ ଏପରି ଯୋଜନାଗୁଡ଼ିକ ରାଜକୋଷ ଉପରେ ଅତ୍ୟଧିକ ଚାପ ପକାଇବ । ଉଦାହରଣସ୍ୱରୂପ, ୨୦୨୫ ବିହାର ନିର୍ବାଚନ ପାଇଁ ଘୋଷିତ ୩୩,୦୦୦ କୋଟି ଟଙ୍କାର ମାଗଣା ଯୋଜନା ରାଜ୍ୟର ୪.୦୬ ଲକ୍ଷ କୋଟି ଟଙ୍କାର ଋଣଭାରକୁ ଆହୁରି ବଢ଼ାଇବାର ଆଶଙ୍କା ରହିଛି । ଏହା କେବଳ ରାଜ୍ୟର ପୁଞ୍ଜି ବିନିଯୋଗକୁ ହ୍ରାସ କରିବ ନାହିଁ, ବରଂ ଭିତ୍ତିଭୂମି ବିକାଶ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିନିଯୋଗକୁ ମଧ୍ୟ ପ୍ରଭାବିତ କରିବ । ଯେତେବେଳେ ରାଜ୍ୟ ସରକାର ମାଗଣା ଯୋଜନାରେ ଅର୍ଥ ଖର୍ଚ୍ଚ କରନ୍ତି, ସେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ଶିଳ୍ପ ଭଳି କ୍ଷେତ୍ରରେ ବିନିଯୋଗ ପାଇଁ ଅର୍ଥର ଅଭାବ ଦେଖାଦିଏ । ଏହା ଦ୍ୱାରା ଦୀର୍ଘକାଳୀନ ଅର୍ଥନୈତିକ ଅଭିବୃଦ୍ଧି ବାଧାପ୍ରାପ୍ତ ହୁଏ ଏବଂ ରାଜ୍ୟର ବିକାଶ ପ୍ରକ୍ରିୟା ଧିମା ପଡ଼ିଯାଏ । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ମଧ୍ୟ ଏହି ମାଗଣା ଯୋଜନା ଉପରେ ଉଦ୍ବେଗ ପ୍ରକାଶ କରି କହିଛନ୍ତି ଯେ, ଏହା କେବଳ ଲକ୍ଷ୍ୟଭିତ୍ତିକ ଏବଂ ଅତ୍ୟନ୍ତ ଗରିବ ଲୋକଙ୍କ ପାଇଁ ହେବା ଉଚିତ, ଯାହା ଦ୍ୱାରା ଏହା ସାମାଜିକ ସୁରକ୍ଷା ଜାଲ ଭାବରେ କାର୍ଯ୍ୟ କରିବ, ନା କି ଏକ ରାଜନୈତିକ ଉପକରଣ ଭାବରେ।

ଦ୍ୱିତୀୟତଃ, ଏହା ଗଣତାନ୍ତ୍ରିକ ପ୍ରକ୍ରିୟାକୁ କ୍ଷତି ପହଞ୍ଚାଇଥାଏ । ଯେତେବେଳେ ରାଜନୈତିକ ଦଳଗୁଡ଼ିକ ଭୋଟ୍ ପାଇଁ ମାଗଣା ଜିନିଷ ବାଣ୍ଟିବାକୁ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ସେତେବେଳେ ନିର୍ବାଚନ ଏକ ନୀତିଗତ ବିତର୍କର ମଞ୍ଚ ହେବା ପରିବର୍ତ୍ତେ, ଏକ 'ନିଲାମ'ରେ ପରିଣତ ହୁଏ । ଭୋଟରମାନେ ନୀତି, ଯୋଗ୍ୟତା ବା ଦୀର୍ଘକାଳୀନ ବିକାଶକୁ ଦେଖିବା ପରିବର୍ତ୍ତେ, କେଉଁ ଦଳ ଅଧିକ ମାଗଣା ଜିନିଷ ଦେବ, ତାହା ଉପରେ ଗୁରୁତ୍ୱ ଦିଅନ୍ତି । ଏହା ସଚେତନ ଏବଂ ଦାୟିତ୍ୱବାନ ଭୋଟରଙ୍କ ସଂସ୍କୃତିକୁ ନଷ୍ଟ କରିଥାଏ । ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏହି 'ଫ୍ରିବିଜ୍' ସଂସ୍କୃତିକୁ 'ମହାମାରୀ' ବୋଲି ଅଭିହିତ କରିଛନ୍ତି ଏବଂ ଏହାକୁ ଗଣତନ୍ତ୍ର ପାଇଁ ବିପଜ୍ଜନକ ବୋଲି ଚେତାବନୀ ଦେଇଛନ୍ତି । ୨୦୨୨ରେ ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ଏବଂ ନିର୍ବାଚନ ଆୟୋଗଙ୍କୁ ନୋଟିସ୍ ମଧ୍ୟ ଜାରି କରିଥିଲେ । ସୁପ୍ରିମକୋର୍ଟ ଏହା ମଧ୍ୟ ପ୍ରଶ୍ନ କରିଛନ୍ତି ଯେ, 'ଆମେ କ'ଣ ପରଜୀବୀମାନଙ୍କର ଏକ ଶ୍ରେଣୀ ସୃଷ୍ଟି କରୁନାହୁଁ?' ଏହି ମନ୍ତବ୍ୟ ଦର୍ଶାଏ ଯେ, ମାଗଣା ଯୋଜନା ଲୋକଙ୍କୁ କାମ କରିବା ପରିବର୍ତ୍ତେ ସରକାରୀ ସହାୟତା ଉପରେ ନିର୍ଭରଶୀଳ କରିପାରେ ।

ତୃତୀୟତଃ, ଏହା ଦେଶର ସାମଗ୍ରିକ ବିକାଶରେ ବାଧା ସୃଷ୍ଟି କରିଥାଏ । ଯେତେବେଳେ ରାଜ୍ୟଗୁଡ଼ିକ ଋଣଗ୍ରସ୍ତ ହୁଅନ୍ତି, ସେତେବେଳେ ସେମାନେ କେନ୍ଦ୍ର ସରକାରଙ୍କ ଉପରେ ଅଧିକ ନିର୍ଭରଶୀଳ ହୁଅନ୍ତି । ଏହା ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରିଥାଏ ଏବଂ ରାଜ୍ୟଗୁଡ଼ିକର ସ୍ୱାୟତ୍ତତାକୁ ହ୍ରାସ କରିଥାଏ । ଏହା ସହିତ, ମାଗଣା ଯୋଜନାଗୁଡ଼ିକ ପ୍ରାୟତଃ ଅସ୍ଥାୟୀ ସମାଧାନ ପ୍ରଦାନ କରିଥାଏ ଏବଂ ମୂଳ ସମସ୍ୟାଗୁଡ଼ିକର ସମାଧାନ କରିବାରେ ବିଫଳ ହୋଇଥାଏ । ଉଦାହରଣସ୍ୱରୂପ, ମାଗଣା ବିଜୁଳି ଦେବା ଦ୍ୱାରା ବିଜୁଳି କ୍ଷେତ୍ରରେ ସଂସ୍କାର ଏବଂ ଦୀର୍ଘକାଳୀନ ଶକ୍ତି ସୁରକ୍ଷା ପାଇଁ ଆବଶ୍ୟକୀୟ ବିନିଯୋଗ ପ୍ରତି ଅବହେଳା କରାଯାଇପାରେ । ଲୋକମାନଙ୍କୁ ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ଏବଂ ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇବା ପରିବର୍ତ୍ତେ, ମାଗଣା ଜିନିଷ ଦେବା ଦ୍ୱାରା ସେମାନଙ୍କୁ କେବଳ ସ୍ୱଳ୍ପକାଳୀନ ଆଶ୍ୱସ୍ତି ମିଳିଥାଏ, କିନ୍ତୁ ସେମାନଙ୍କ ଜୀବନରେ ସ୍ଥାୟୀ ପରିବର୍ତ୍ତନ ଆସେ ନାହିଁ । ଏହା ଦ୍ୱାରା ଦେଶର ମାନବ ସମ୍ବଳର ବିକାଶରେ ମଧ୍ୟ ବାଧା ସୃଷ୍ଟି ହୁଏ ।

କେତେକ ଦଳ ଏହାକୁ 'କଲ୍ୟାଣକାରୀ ଯୋଜନା' ଭାବରେ ଯୁକ୍ତି କରନ୍ତି । କିନ୍ତୁ, କଲ୍ୟାଣକାରୀ ରାଜ୍ୟର ଅର୍ଥ ହେଉଛି ନାଗରିକମାନଙ୍କୁ ସମାନ ସୁଯୋଗ, ଗୁଣାତ୍ମକ ସେବା ଏବଂ ସାମାଜିକ ସୁରକ୍ଷା ଯୋଗାଇବା, ଯାହା ଦ୍ୱାରା ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ। ମାଗଣା ଯୋଜନାଗୁଡ଼ିକ ପ୍ରାୟତଃ ଏହି ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇଥାଏ । ଏହା ଲୋକଙ୍କୁ ସଶକ୍ତ କରିବା ପରିବର୍ତ୍ତେ, ସରକାରଙ୍କ ଉପରେ ନିର୍ଭରଶୀଳ କରିଥାଏ । ଏହା ଏକ ଏପରି କୁଚକ୍ର ସୃଷ୍ଟି କରେ, ଯେଉଁଠାରେ ରାଜନୈତିକ ଦଳଗୁଡ଼ିକ ଭୋଟ୍ ପାଇଁ ମାଗଣା ଜିନିଷର ପ୍ରତିଶ୍ରୁତି ଦିଅନ୍ତି, ରାଜକୋଷ ଉପରେ ଚାପ ପକାନ୍ତି, ଏବଂ ଶେଷରେ ଦୀର୍ଘକାଳୀନ ବିକାଶରେ ବାଧା ସୃଷ୍ଟି କରନ୍ତି।

ତେବେ, ଏହା ମଧ୍ୟ ସତ୍ୟ ଯେ ଭୋଟରମାନେ ସବୁବେଳେ ଏହିଭଳି ପ୍ରତିଶ୍ରୁତିରେ ପ୍ରଭାବିତ ହୁଅନ୍ତି ନାହିଁ । ତେଲେଙ୍ଗାନାରେ କେ. ଚନ୍ଦ୍ରଶେଖର ରାଓଙ୍କ ସରକାର ଅନେକ ଲୋକପ୍ରିୟ ଯୋଜନା ସତ୍ତ୍ୱେ ପରାଜିତ ହୋଇଥିଲେ । ଏଥିରୁ ସ୍ପଷ୍ଟ ଯେ ଭୋଟରମାନେ ଧୀରେ ଧୀରେ ସଚେତନ ହେଉଛନ୍ତି । ସେମାନେ ବୁଝିବାକୁ ଆରମ୍ଭ କଲେଣି ଯେ ଏହିଭଳି ମାଗଣା ଯୋଜନାଗୁଡ଼ିକର ଅସଲ ମୂଲ୍ୟ ସେମାନଙ୍କୁ ହିଁ ଦେବାକୁ ପଡ଼ିବ – ଉଚ୍ଚ ଟିକସ, ମୁଦ୍ରାସ୍ଫୀତି ଏବଂ ବିକାଶର ଅଭାବ ରୂପରେ।

ବିହାର ଭଳି ଏକ ରାଜ୍ୟ, ଯେଉଁଠାରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତି ଏବେବି ସବୁଠାରୁ ବଡ଼ ସମସ୍ୟା, ସେଠାରେ ଏହିଭଳି 'ସସ୍ତା'ର ରାଜନୀତି ଅଧିକ କ୍ଷତିକାରକ। ରାଜ୍ୟର ଯୁବପିଢ଼ିଙ୍କୁ ମାଗଣା ବିଜୁଳି କିମ୍ବା ପାଣି ନୁହେଁ, ବରଂ ଉନ୍ନତ ଶିକ୍ଷା ଏବଂ ନିଯୁକ୍ତିର ସୁଯୋଗ ଦରକାର । ରାଜ୍ୟର କୃଷକମାନଙ୍କୁ ଋଣ ଛାଡ଼ ନୁହେଁ, ବରଂ ଉନ୍ନତ ଜଳସେଚନ, ବିହନ ଏବଂ ବଜାର ବ୍ୟବସ୍ଥା ଦରକାର। ରାଜ୍ୟର ମହିଳାମାନଙ୍କୁ କିଛି ହଜାର ଟଙ୍କାର ସହାୟତା ନୁହେଁ, ବରଂ ସୁରକ୍ଷା ଏବଂ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ଦରକାର ।

ତେଣୁ, ସମୟ ଆସିଛି, ଯେତେବେଳେ ଆମକୁ ଏହି ପ୍ରତିଶ୍ରୁତିର ରାଜନୀତିକୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ । ଭୋଟର ଭାବରେ ଆମକୁ ଦାୟିତ୍ୱବାନ ହେବାକୁ ପଡ଼ିବ । ଆମକୁ ରାଜନୈତିକ ଦଳମାନଙ୍କୁ ସେମାନଙ୍କର କାର୍ଯ୍ୟଦକ୍ଷତା, ନୀତି ଏବଂ ଦୀର୍ଘକାଳୀନ ଯୋଜନା ଉପରେ ପ୍ରଶ୍ନ କରିବାକୁ ପଡ଼ିବ। ଯଦି ଆମେ ଏବେ ସଚେତନ ନହେବା, ତେବେ ଆମର ଗଣତନ୍ତ୍ର ଏହି ମାଗଣା ପ୍ରତିଶ୍ରୁତିର ଅନ୍ଧକାରରେ ହଜିଯିବ ଏବଂ ବିକାଶର ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ରହିଯିବ । ନିର୍ବାଚନ ଆସିବ ଓ ଯିବ, କିନ୍ତୁ ଏହାର ପରିଣାମ ଆମକୁ ଏବଂ ଆମର ଆଗାମୀ ପିଢ଼ିକୁ ଭୋଗିବାକୁ ପଡ଼ିବ । ଏବେ ନିଷ୍ପତ୍ତି ଆମ ହାତରେ – ଆମକୁ ଏକ ସାମୟିକ ଲାଭ ଦରକାର ନା ଏକ ସୁଦୃଢ଼ ଏବଂ ବିକଶିତ ଭବିଷ୍ୟତ?

# ହସୁଛି ମନ୍ଦିର-କାନ୍ଦୁଛି ଘର



**ଅର୍ଜୁନ ଘଡ଼େଇ**

ଘର ଏକ ମନ୍ଦିର। ଘର ହିଁ ସ୍ୱର୍ଗ 'ହୋମ୍ ସୁଇଟ୍ ହୋମ'। ମନ୍ଦିରରୁ ମିଳୁଥିବା ପବିତ୍ରତା, ଆଧ୍ୟାତ୍ମିକ ଭାବ, ସୁଖ, ଶାନ୍ତି ଓ ସମୃଦ୍ଧି ଆଦି ଘରେ ହିଁ ମିଳିଥାଏ। ମନ୍ଦିରରେ ମନୁଷ୍ୟକୃତ ଦେବତା ଅନେକ ପ୍ରାଣର ବିଶ୍ୱାସର ପ୍ରତୀକ। ଏହି ସମସ୍ତ ଉପାଦେୟ ତତ୍ତ୍ୱକୁ ନେଇ ଆମେ ଜନ୍ମ ନେଇଥିବା ଘରଟି ସ୍ୱୟଂ ସମ୍ପୂର୍ଣ୍ଣ। ଘରେ ବଞ୍ଚି ରହିଥିବା ବରିଷ୍ଠ ବୟସ୍କ ଜେଜେ ବାପା, ଜେଜେ ମା', ବାପା-ମା' ପରିବାରର ଅନ୍ୟ ସଦସ୍ୟମାନଙ୍କର ନମସ୍ୟ। ଆଶା, ବିଶ୍ୱାସ, ଭରସାର ପ୍ରାଣ କେନ୍ଦ୍ର। ସେମାନେ ଚଳନ୍ତି ଠାକୁର! ହାତ ବଢ଼ାଇ ଖାଉଥିବା ଦେବତା। ସେମାନଙ୍କ ଜ୍ଞାନ, ଅଭିଜ୍ଞତା ଓ ପରାମର୍ଶକୁ ଶିରୋଧାର୍ଯ୍ୟ ମନେକରି ଅତୀତରେ ପରିବାରର ଅନ୍ୟ ସଦସ୍ୟମାନେ ବଞ୍ଚିବାର କଳା କୌଶଳ ଶିଖୁଥିଲେ। ଦେବତାମାନଙ୍କ ପରି ସେମାନଙ୍କ ଆଶୀର୍ବାଦ, ପାଦ ଧୂଳିକୁ ମୁଣ୍ଡରେ ମାରି, ଦେହରେ ବୋଳି କୃତାର୍ଥ ମନେ କରୁଥିଲେ। ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ଥିବା ଏହି ବୟସ୍କମାନେ ନିଜ ପରିବାର ଲୋକଙ୍କ ଦ୍ୱାରା ଦେବତୁଲ୍ୟ ପୂଜା ପାଉଥିଲେ।

ବଦଳିଛି ସମୟ। ମାନସିକତାରେ ଆସିଛି ପରିବର୍ତ୍ତନ। ଅତୀତର ମଠ ମନ୍ଦିର ଓ ସେଠାରେ ଅଧିଷ୍ଠିତ ଦେବଦେବୀଙ୍କର ବର୍ତ୍ତମାନ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି କିନ୍ତୁ ଅତୀତର ସେଇ 'ଘର' ପ୍ରତି ନା ଅଛି କାହା ମନରେ ସ୍ନେହ, ଶ୍ରଦ୍ଧା ନା ପରିବାରରର ବୟସ୍କମାନଙ୍କ ପ୍ରତି ଦେବୋପମ ଭାବନା। ସମୟର ଆହ୍ୱାନରେ ପରିବର୍ତ୍ତିତ ମଠ, ମନ୍ଦିରର ରୂପସଜ୍ଜା ଆଉ ଦେବଦେବୀଙ୍କୁ ସୁନ୍ଦର ଆଖି ଝଲସି ଯାଉଥିବା ଆଲୋକମାଳା ଭିତରେ ପୂଜାର୍ଚ୍ଚନା ଚାଲିଛି। ଆଜି ଘର କିନ୍ତୁ ସମସ୍ତଙ୍କ ପାଇଁ ଅଲୋଡ଼ା, ଅଦରକାରୀ। ଏହି ଘରେ ବଞ୍ଚି ରହୁଥିବା ବୟସ୍କ ମାନଙ୍କର ଅସୁରକ୍ଷିତ ଜୀବନ ଯନ୍ତ୍ରଣାର ସ୍ୱର ନିଷ୍ପ୍ରଭ। ସମସ୍ତଙ୍କ ଆଖିର ନିରାପଦ ଦୂରତ୍ୱରେ ଅଦେଖା ସେମାନଙ୍କ ଲୁହ ଧାର। ସେଥିପାଇଁ ତ କହୁଛି-ଏବେ 'ହସୁଛି ମନ୍ଦିର କାନ୍ଦୁଛି ଘର'।

ଅତୀତରେ ଏଇ ଦେବଦେବୀମାନେ ଗାଁ ଗଣ୍ଡାରୁ ଆରମ୍ଭ କରି ନୂଆ କରି ଗଢି ଉଠୁଥିବା ସହରର ଗଳି କନ୍ଦିରେ ଯେପରି ଭାବେ ଅଧିଷ୍ଠିତ ହୋଇଥିଲେ ମନେପଡ଼ିଲେ ଦୁଃଖ ଲାଗେ। ସେମାନଙ୍କ ଦୟନୀୟ ଅବସ୍ଥାର ସୀମା ନଥିଲା। ମନୁଷ୍ୟମାନଙ୍କ ପରି ଦେବତାମାନେ ମଧ୍ୟ ସେମାନଙ୍କର ସର୍ବନିମ୍ନ ଆବଶ୍ୟକତା ଯଥା ବାସଗୃହ, ବସ୍ତ୍ର, ଖାଦ୍ୟ ପୂରଣ କରିବାରେ ଅସମର୍ଥ ଥିଲେ। ଗାଁ ମୁଣ୍ଡର ଏକ ବରଗଛ ତଳେ କିମ୍ୱା ଏଣୁ ତେଣୁ ଭଙ୍ଗାରୁଜା ଇଟା ପଥରରେ ଛକା ଯାଇ ତିଆରି ହୋଇଥିବା ଘର ଥିଲା ସେମାନଙ୍କ ମନ୍ଦିର। ବେଶଭୂଷା ଅରୁଚିକର, ପରିବେଶ ଅସ୍ୱାସ୍ଥ୍ୟକର ଥିଲା। ତାରି ଭିତରେ ମଥାରେ ପୁଳାଏ ସିନ୍ଦୂର, ବେକରେ ଟଗର କି ମନ୍ଦାରର ଫୁଲ ମାଳଟାଏ, ଦେହରେ ଅଣ ଓସାରିଆ କଳା କାଞ୍ଚିନୀ ଖଣ୍ଡେ ପକେଇ ବସୁଥିଲେ ଗାଁ ଠାକୁରାଣୀ ବା ଗାଁ ର ଆରାଧ୍ୟ ଦେବ ଦେବୀ। କେତେବେଳେ ପୁନିଅଁ, ପର୍ବରେ, ବିବାହ, ବ୍ରତାଦି କାର୍ଯ୍ୟରେ ଶାଢି ଖଣ୍ଡେ ପିନ୍ଧିବାର ସୌଭାଗ୍ୟ ମିଳୁଥିଲା। ମାଟିରେ ତିଆରି, ଚୁଲାରେ ପୋଡ଼ା ଛୋଟ ଛୋଟ କଣ୍ଢେଇ ଅବା ପାର୍ଶ୍ୱ ଦେବଦେବୀମାନେ ଏଣେ ତେଣେ ଛାତି ମେଲେଇ ପଡୁଥିଲେ। ବର୍ଷା, ପବନ, ବତାସ ଆସିଲେ ବି ସେ ସବୁକୁ ନୀରବରେ ସହିଯିବା ବ୍ୟତୀତ ଅନ୍ୟ ଉପାୟ ନଥିଲା।

ଖାଦ୍ୟ କହିଲେ ତ ଶୁଖିଲା ଲିଆ କିମ୍ୱା ଚାଉଳ ଭଜା ସେମାନଙ୍କୁ ଭୋଗ ଲାଗି କରାଯାଏ। ଭୋଜି ଭାତ ଗାଁରେ ହେଲେ ଥାଳିରେ ପ୍ରସ୍ତୁତ ଭୋଗ ସମର୍ପଣ କରାଯାଏ। ସେମାନଙ୍କର ନାମକରଣ ଏବେ ବି ଶୁଣିଲେ ହସ ଲାଗେ। ଯେମିତିକି ଓଳାଶୁଣୀ, ପଢ଼ଉଶୁଣୀ, ଦରଗାଇ ଠାକୁରାଣୀ ଇତ୍ୟାଦି ନାମରେ ସେମାନେ ନାମିତ ହୋଇଥିଲେ। ତଥାପି ସବୁ ଧର୍ମୀୟ କାର୍ଯ୍ୟ ପାଇଁ ଠାକୁରାଣୀ ପୀଠ ଥିଲା ସମସ୍ତଙ୍କର ପ୍ରିୟ ସ୍ଥାନ। ଆଉ ସବୁ ଆଶା, ଭରସା, ବିଶ୍ୱାସ, ଭକ୍ତିକୁ ପାଥେୟ କରି ଅସହାୟ ଅବସ୍ଥାରେ ଗାଁ ମୁଣ୍ଡରେ ବସି ରହିଥିଲେ ଏହି ଦେବଦେବୀମାନେ। ଗାଁ ଲୋକଙ୍କୁ ବିପଦ ଆପଦରେ ସହାୟତା କରୁଥିଲେ। ହଇଜା ବସନ୍ତ ଆଦି ରୋଗରୁ ମୁକ୍ତି ଦେଉଥିଲେ। ସମସ୍ତ ଅଭୀଷ୍ଟ ପୂରଣ କରୁଥିଲେ ଏ ବିଶ୍ୱାସ ବି ଆମର ଥିଲା। ସକଳ ଶକ୍ତିର ଆଧାର ଭାବି ବାଡ଼ି ବଗିଚାରେ ନୂଆ ହେଇ ଫଳଟିଏ ଫଳିଲେ ଆଗ ଠାକୁରାଣୀଙ୍କୁ ଭୋଗ ଲଗେଇବାର ମାନସିକତା କରି କୁଟା ଖିଅ କି ସୂତା ଖିଅଟିଏ ବାନ୍ଧି ଦେଉଥିଲେ ଫଳରେ। ସମସ୍ତ ବିଶ୍ୱାସ ସତ୍ତ୍ୱେ ବି ଗାଁ ଲୋକଙ୍କର ଆର୍ଥିକ ଦୂରବସ୍ଥା ଯୋଗୁଁ ହେଉକି ମାନସିକତାର ଅଭାବ ଯୋଗୁଁ ହେଉ ନା ବଦଳୁଥିଲା ଦେବଦେବୀଙ୍କ ମନ୍ଦିର ଅବସ୍ଥା, ନା ପୂଜାର୍ଚ୍ଚନା ବିଧି ବ୍ୟବସ୍ଥା। ସବୁ ଅବ୍ୟବସ୍ଥାକୁ ନୀରବରେ ସହି ଯାଉଥିବା ଦେବଦେବୀଙ୍କ ସୌଭାଗ୍ୟ ଫେରିଲା। ସରକାରୀ ପ୍ରୋତ୍ସାହନରେ ମଠ, ମନ୍ଦିରର ସୌନ୍ଦର୍ଯ୍ୟକରଣ କରାଗଲା। ଏବେ ସୁସଜ୍ଜିତ ଦେବସ୍ଥଳୀରେ ଅନେକ ଲୋକ ଗହଳି, ଭୋଜିଭାତ, ନାଚ ଗୀତର ଆୟୋଜନ ପ୍ରତିଦିନ ଚାଲୁଛି କହିଲେ ଅତ୍ୟୁକ୍ତି ହେବନି। ଅତୀତର ସେଇ ଜରାଜୀର୍ଣ୍ଣ ମଠ, ମନ୍ଦିର ଝଲସୁଛି। ହସୁଛନ୍ତି ଠାକୁର ଠାକୁରାଣୀ ମାନେ ଭାଗ୍ୟର ଏଇ ପରିବର୍ତ୍ତନ ଦେଖି।

କିନ୍ତୁ ଘର ଆଉ ଘର ହେଇ ନାହିଁ। ଅଘରୀ, ଘରଛଡ଼ା ଓ କୁଳବୁଡାଙ୍କ କବଳରେ ନୀରବ ଆର୍ତ୍ତ ଚିତ୍କାର କରୁଛି। ଗାଁ ଗଣ୍ଡାରେ ଅତୀତର ସେଇ ଝାଟିମାଟିରେ ଗଢା ଚାଳ ଛପର ଘର ପ୍ରାୟ ଆଉ ନାହିଁ। ବାଲି, ସିମେଣ୍ଟ, ଇଟା ପଥରରେ ଗଢା ହେଇଛି ପକ୍କା ଘର। ଆଗପରି ଘର ଅଗଣାରେ ଉଦୟ ସୂର୍ଯ୍ୟର ରଶ୍ମି ପଡୁନି କି ଅସ୍ତଗାମୀ ରବି କିରଣ ପଡୁନି। ଦାଣ୍ଡ ଦୁଆରେ ବୃନ୍ଦାବତୀ ମୂଳରେ ଦୀପଟିଏ ଜଳୁନି କି ଦାଣ୍ଡ ବାରଣ୍ଡାରେ ଭାଗବତ ଟିକିଏ ପଢିବାକୁ ଜାଗା ନାହିଁ। ମୁଖ୍ୟ ଦ୍ୱାରରେ ଦୁଆର ବନ୍ଧ ନାହିଁ କି ସଞ୍ଜ ଦେବାକୁ ଏରୁଣ୍ଡି ବନ୍ଧ ନାହିଁ। ବାସ୍ତୁବିଜ୍ଞାନୀଙ୍କ ମତରେ ଗଢ଼ି ଉଠିଥିବା ଘରେ ସମସ୍ତଙ୍କ ରହିବାପାଇଁ ବ୍ୟବସ୍ଥା ଅଛି ହେଲେ ବୁଢ଼ାବୁଢ଼ୀଙ୍କ ପାଇଁ ସ୍ୱତନ୍ତ୍ର ଘର ନାହିଁ। ଅତୀତର 'ବାଟ ଘର' ଦେଖିବାକୁ ମିଳୁନି। ଯେଉଁ ବାଟଘରକୁ ନେଇ ତତ୍ତ୍ୱଦର୍ଶୀମାନେ କହୁଥିଲେ 'ଆରେ ବାଇବର-ବସା ବାଟଘର ଖଣ୍ଡି ଦମ୍ଭ କର'-ସେ ବାଟ ଘର ଆଉ ଏବର ବାଟ ଘରର ଭିନ୍ନ ଅର୍ଥ କରୁଛନ୍ତି ପିଲାମାନେ। ଘରୁ ବାହାରକୁ ଯିବାବେଳେ ଦୁଆର ବନ୍ଧରେ ଗୃହ ଦେବତାଙ୍କୁ ମୁଣ୍ଡିଆ ମାରି ଯିବାକୁ ସମସ୍ତେ ଭୁଲି ଗଲେଣି। ଏରୁଣ୍ଡି ବନ୍ଧରେ ପାଦ ଥାପି ନୂଆ ବୋହୂଟିଏ ଘରକୁ ଆସିବାର ପରମ୍ପରା ଆଉ ନାହିଁ। ଘର ଛାଡ଼ି ଦୂରରେ କର୍ମକ୍ଷେତ୍ରରେ ରହୁଥିବା ପୁଅ-ବୋହୂ, ନାତି, ନାତୁଣୀମାନେ ଘର କହିଲେ ମୁହଁ ମୋଡୁଛନ୍ତି। ଘରଟା ଖାଁ ଖାଁ ଲାଗୁଛି। ପକ୍କା ଘରେ ବି ମୂଷା ଅସରପାଙ୍କ ରାଜୁତି ବଢୁଛି। ଘର ମଝିରେ ପାଚେରି। କେଉଁଠି ପୁଅ ବୋହୂ ଅଲଗା ତ କେଉଁଠି ଭାଇ ଭାଇ ଅଲଗା। ସ୍ନେହ, ସମ୍ପର୍କ ତୁଟି ଯାଇଛି ଘର ଭିତରୁ। ଆଉ ଏହି ଘର ଭିତରେ ଅତୀତର ସବୁ ସ୍ମୃତିକୁ ମନେ ପକେଇ ଅସହାୟ ଅସୁରକ୍ଷିତ ଭାବେ ବଞ୍ଚୁଥିବା ବୟସ୍କ ବ୍ୟକ୍ତିମାନେ ବୟସର ଅପରାହ୍ନରେ ଆଖିରୁ ଲୁହ ଗଡେଇ ଦୁଃସହ ଜୀବନଯାପନ କରିବାକୁ ବାଧ ହେଉଛନ୍ତି। ସେମାନଙ୍କ ଦେଖାଶୁଣା କରିବାକୁ କାହାରିକୁ ସମୟ ନାହିଁ କି ପାଟିରେ ଭଲ ମନ୍ଦ ଟିକେ ଦେବାକୁ କାହାର ମାନସିକତା ନାହିଁ। ସେମାନେ ଆଉ ଅତୀତର ଚଳନ୍ତି ପ୍ରତିମା, କି କଥାକୁହା ଠାକୁର ନୁହନ୍ତି ବରଂ ମନ୍ଦିରର ପାଷାଣ ଦେବତା ପରି କୋରଡାଗତ ଆଖିରେ ଗୃହଁ ରହୁଛନ୍ତି ଦାଣ୍ଡ ବାଡ଼ିକୁ। ସେମାନଙ୍କର ଆଶୀର୍ବାଦ ଆଉ କାହାରି ଆବଶ୍ୟକ ହେଉନି। ଜ୍ଞାନ, ଅଭିଜ୍ଞତା ଆଜି ଅର୍ଥହୀନ। ଘର ଲୋକେ ବୁଝିବାକୁ ଚେଷ୍ଟା କରୁନାହାନ୍ତି ଯେତେବେଳେ ଅନ୍ୟମାନେ ଏମାନଙ୍କୁ କାହିଁକି ପଚାରିବେ? ସେଥିପାଇଁ ଘରୁ ବାହାରି ଯାଇ, ଜରାଶ୍ରମ କି ବୃଦ୍ଧାଶ୍ରମରେ ରହିବାର ମାନସିକତା ସୃଷ୍ଟି ହେଉଛି। କିଛି ଭୁଲ୍ ବି ନୁହେଁ। ସ୍ନେହ ଶ୍ରଦ୍ଧା ସମ୍ପର୍କର ଡୋରି ଆମକୁ ଆଉ ଏକାଠି ବାନ୍ଧି ପାରୁନି। ୟା'କୁ କ'ଣ ଘର କହିବା?

ଆଜିର ସମାଜରେ କାଠ, ପଥରର ମୂର୍ତ୍ତି ଖୁବ୍ ଭାଗ୍ୟବାନ ମନେହୁଅନ୍ତି। ରକ୍ତ ମାଂସର ଶରୀରରେ ଗଢା ଏଇ ଜୀବନ୍ତ ମଣିଷର ବାର୍ଦ୍ଧକ୍ୟ ପରିଣତି, ଆଉ ସେମାନଙ୍କୁ ଦେବତା ପରି ମନେ କରିବାକୁ କେହି ଉଚିତ୍ ମନେ କରୁନାହାନ୍ତି। ସେମାନେ ଆଜି ପରିବାରରେ ଅନାବଶ୍ୟକ, ଅଦରକାରୀ। ମଠ, ମନ୍ଦିର ଦେବଦେବୀଙ୍କ ମୁହଁରେ ହସ ଫୁଟୁଥିବା ବେଳେ ଘରର ଦେବତାମାନେ କାନ୍ଦୁଛନ୍ତି କାହିଁକି? ଆମର ଅଜ୍ଞାନତା, କୁତ୍ସିତ ଅପସଂସ୍କୃତି, ଅସୁସ୍ଥ ମାନସିକତା ଆମ ସାମାଜିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପରିବର୍ତ୍ତେ ଦିଗହରା କରୁଛି। ସେଥିପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ସୁନ୍ଦର ଘର, ସୁନ୍ଦର ପରିବାର, ସୁସ୍ଥ ସମାଜ ଗଠନ ପାଇଁ ଆମେ ସଚେତନ ହେବା ଆବଶ୍ୟକ। 'ହସୁଛି ମନ୍ଦିର-କାନ୍ଦୁଛି ଘର' ଏହି ମାର୍ମିକ ତତ୍ତ୍ୱ ସମସ୍ତଙ୍କ ହୃଦୟକୁ ଛୁଇଁଲେ ବୋଧେ ଅବସ୍ଥା ସୁଧରିଯିବ ନିଶ୍ଚୟ!

+ଅବସର ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ
ଦାଣ୍ଡମୁକୁନ୍ଦପୁର,
ପିପିଲି, ପୁରୀ
ମୋ-୯୪୩୮୦୪୮୬୧୫

# ଆତ୍ମ କାହାଣୀ ଅନ୍ତେ ବୈଷ୍ଣବ ପାଣି



**ଅଭୟ କୁମାର ଦାସ**

ପ୍ରତ୍ୟେକ ମହାପୁରୁଷଙ୍କ ଆତ୍ମକାହାଣୀ ସତ୍ୟ ଓ ତଥ୍ୟକୁ ନେଇ ଆଧାରିତ। ଏସବୁ ଆତ୍ମ ଲିପି ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ଗୀତିନାଟ୍ୟ ଜଗତର ମଉଡମଣି ଗଣକବି ବୈଷ୍ଣବ ପାଣି ନିଜେ ଲେଖିଥିବା 'ପାଣି କବିଙ୍କର ଆତ୍ମକାହାଣୀ' ୧୯୫୫ ମସିହାରେ ତାଙ୍କ ନାତୁଣୀ ଜାମାତା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସହାୟତାରେ କଟକର ପ୍ରକାଶକ ଶ୍ରୀ ଗୋବିନ୍ଦ ସାହୁଙ୍କ ଦ୍ୱାରା ପ୍ରକାଶ ପାଇଥିଲା। ତାଙ୍କ ଆତ୍ମକାହାଣୀରେ ସେ ସେତେବେଳେ ଧର୍ମାନ୍ଧ ଓ ପ୍ରତିକ୍ରିୟାଶୀଳ ମୌଳବାଦୀ ସମାଜକୁ ଭ୍ରୂକ୍ଷେପ ନକରି ସମସ୍ତ ଗୁପ୍ତ ଓ ଅଙ୍ଗେଲିଭା କାହାଣୀକୁ ପ୍ରକାଶ କରିଥିଲେ ଯାହାକି ତତ୍କାଳୀନ ସମ୍ଭ୍ରାନ୍ତ ସାହିତ୍ୟିକ ମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ମାତ୍ର ୧୯୫୫ ମସିହା ଅର୍ଥାତ୍ ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ ପ୍ରକାଶ ହେବା ପରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଯାହାକି ୧୯୫୬ ମସିହା ବୈଶାଖ ଅମାବାସ୍ୟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କ ମୁଖରୁ ଯାହା ଶୁଣିବାକୁ ମିଳେ ତାହା ଅତି କରୁଣ ଓ ହୃଦୟ ବିଦାରକ।

ବୈଷ୍ଣବ ପାଣି ବାପା-ମାଆଙ୍କ ଦ୍ୱାରା ଲୀଳା ପଣ୍ଡାଙ୍କୁ ବିବାହ କଲା ପରେ ବି ସେଇ ଗ୍ରାମର ଶ୍ରୀ ଦଧି ସେଠୀଙ୍କ କନ୍ୟା ହାରାମଣି ସହ ମିଳାମିଶାକୁ ବରଦାସ୍ତ ନକରି ଗ୍ରାମବାସୀମାନେ ଛତିଶିପାଟକ ସଭା ଡାକି ବୈଷ୍ଣବ ପାଣିଙ୍କ ଘରକୁ ବାଛନ୍ଦ କଲାପରେ ସେ ଜିଦିଖୋର ମନୋଭାବ ପୂର୍ବକ ହାରାମଣିକୁ ବରମାଳା ଦେଇ ବିବାହ କରି ବିରୂପା ନଇ କୂଳରେ ଘର କରି ରହିଲେ। ସେତେବେଳେ ବୈଷ୍ଣବ ପାଣି ନାଟ୍ୟ ଜଗତରେ ବେଶ ସୁନାମ ଅର୍ଜନ କରି ସାରିଥିଲେ ଓ ଅନେକ କଳାକାର, ବାଦ୍ୟକାର ତଥା ଯାତ୍ରା ପ୍ରେମୀଙ୍କର ତାଙ୍କ ଘରକୁ ଆତଯାତ ଥିଲା। ଏତଦବ୍ୟତୀତ ନିଜେ ହାରାମଣି ବୈଷ୍ଣବ ପାଣିଙ୍କୁ ବାଛନ୍ଦ ଜନିତ ବାଧାବିଘ୍ନକୁ ଅନୁଭବ କରାଇ ଦେଉ ନଥିଲେ। ମାତ୍ର ହାରାମଣିର ଦେହାନ୍ତ ପରେ 'ପାଣି-ହାରାମଣି' ସର୍ତ୍ତ ଅନୁସାରେ ବିରୂପା ନଦୀ କୂଳରେ ସମାଧିଟିଏ ଗଢ଼ି ବୈଷ୍ଣବ ନିଜ ପୈତୃକ ଗୃହକୁ ଚାଲି ଆସିଥିଲେ। ତା ପୂର୍ବରୁ ତାଙ୍କ ବାପା-ମାଆ ଓ ପ୍ରଥମ ସ୍ତ୍ରୀ ନୀଳାଦେବୀଙ୍କ ଦେହାନ୍ତ ହୋଇ ସାରିଥିଲା।

ସେତେବେଳକୁ ତାଙ୍କ ବୟସ ଅପରାହ୍ନରେ ପହଞ୍ଚି ସାରିଥିଲା। ଯାତ୍ରା ଦଳରେ କାମ କରିବାକୁ ସେ ସକ୍ଷମ ନଥିଲେ। ଏଣୁ ଅର୍ଥାଭାବ ଓ ବାଛନ୍ଦ ତାଙ୍କୁ ରସାତଳକୁ ଠେଲି ଦେଇଥିଲା। ସେତେବେଳେ ସେ କେବଳ ପ୍ରେୟସୀ ହାରାମଣିଙ୍କୁ ଝୁରି ଝୁରି ପାଗଳ ପ୍ରାୟ ହୋଇଯାଇଥିଲେ। ଗାଁର କୌଣସି ଲୋକ ତାଙ୍କୁ ଛୁଇଁବା ତ ଦୂରର କଥା ଆଡ଼ ଆଖିରେ ବି ଚାହୁଁ ନଥିଲେ। ତାଙ୍କର ଅତିପ୍ରିୟ ଶିଷ୍ୟ ଶ୍ରୀ ଯୋଗେନ୍ଦ୍ର ମିଶ୍ର ଜାତି ଚାଲିଯିବା ଭୟରେ ପୂର୍ବଭଳି ତାଙ୍କ ଘରକୁ ଯିବା ଆସିବା ବନ୍ଦ କରିଦେଲେ। ଦିନ ଦିନ ଧରି ସେ ଖାଇବା ବିନା ଉପବାସ ରହୁଥିଲେ। ଦେହ ପାଇଁ ଔଷଧ କିଣିବାକୁ ପଇସାଟିଏ ପାଇଲେନି। ଇଚ୍ଛା ଥିଲେ ବି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସାହାଯ୍ୟ ସହାନୁଭୂତି ପ୍ରଦାନ କରି ପାରିଲେନି। ଯେଉଁ ବୈଷ୍ଣବ ପାଣିଙ୍କୁ ଟିକେ ଦେଖିବା ପାଇଁ ଲୋକେ ଧାଡ଼ି ବାନ୍ଧୁଥିଲେ ବୈଷ୍ଣବ ପାଣି ଯାତ୍ରାକୁ ଦେଖିବା ପାଇଁ ରାତି ରାତି ଅନିଦ୍ରା ହୋଇ ରୁଣ୍ଡ ହେଉଥିଲେ। ସେ ହି ବୈଷ୍ଣବ ପାଣି କିନ୍ତୁ ସମାଜ ପାଇଁ ଅଲୋଡ଼ା। ହୋଇଗଲେ। ସେ ଅଚଳ ଅବସ୍ଥାରେ ନିଜ ଖଣ୍ଡିଆ କୁଡ଼ିଆ ଘରେ ପଡ଼ିରହିଲେ।

ଯୁଗେ ଯୁଗେ ଗୁରୁଶିଷ୍ୟ ସମ୍ପର୍କର ପବିତ୍ରତା ରହିଆସିଛି ଓ ରହିବ ମଧ୍ୟ। ସେହି ମର୍ମରେ ତାଙ୍କ ପ୍ରିୟ ଶିଷ୍ୟ ଯୋଗୀ ମିଶ୍ର ତାଙ୍କ ଗୁରୁ ବୈଷ୍ଣବ ପାଣିଙ୍କୁ ଛାଡ଼ି ସମ୍ଭାଳି ରହିଥାନ୍ତେ କେମିତି! ଗୁରୁଙ୍କର ଏ ଅବସ୍ଥା ସମ୍ବନ୍ଧୀୟ ଖବର ପାଇ ତତ୍କାଳୀନ କୋଠପଦା ମଠ ମହନ୍ତ ତପୋନିଧି ରାମନାଥ ପୁରୀ ଗୋସ୍ୱାମୀଙ୍କୁ ଧରି ବୈଷ୍ଣବଙ୍କ କୁଡ଼ିଆ ଘରେ ଆସି ପହଞ୍ଚିଛନ୍ତି ଓ ମଠ ପ୍ରସ୍ତୁତ ରଘୁନାଥଜୀଉଙ୍କ ପ୍ରସାଦ ସେବନ କରାଇ ମହନ୍ତ ଗୋସ୍ୱାମୀଙ୍କ ଦ୍ୱାରା ଅଚ୍ଛୁଆଁରୁ ମୁକ୍ତ ହୋ ଜାତିରେ ମିଶିଯିବାକୁ ପ୍ରସ୍ତାବ ଦେଇଛନ୍ତି। ଚାରିଦିନ ହେବ ଭୋକ ଉପବାସରେ ପଡ଼ି ରହିଥିବା ବୈଷ୍ଣବ ପ୍ରସାଦ ସେବନ କରି ପ୍ରିୟ ଶିଷ୍ୟ ଯୋଗେନ୍ଦ୍ର ମିଶ୍ରକୁ ଅର୍ଜସ ଆଶୀର୍ବାଦ ଢ଼ାଳି ଦେବା ସହ ମହନ୍ତ ଗୋସ୍ୱାମୀଙ୍କୁ ଧନ୍ୟବାଦ ପ୍ରଦାନ କଲେ ସତ; ମାତ୍ର ଜାତି ଆଉ ଅଚ୍ଛୁଆଁ ବାବଦରେ ଥର ଥର କଣ୍ଠରେ କହିଲେ 'ଜାତି କାହାକୁ କହୁଛନ୍ତି ଗୋସେଇଁ! ମୋ ମତରେ ତ ଜାତି ହେଉଛି ଦୁଇଟା, ଗୋଟାଏ ପୁରୁଷ ଜାତି ଅନ୍ୟଟି ନାରୀ ନାରୀ ଜାତି। ମୋ ବାପା ମା ଜନ୍ମ ଦିନରୁ ହିଁ ମୋତେ ପ୍ରଭୁ ଜଗନ୍ନାଥଙ୍କ ବଡ଼ ଛତା ତଳେ ବୈଷ୍ଣବ କରି ଦେଇଛନ୍ତି। କଥାରେ ପରା ଅଛି, ବାର ଜାତି ତେର ଗୋଲା ବୈଷ୍ଣବ ହେଲେ ସବୁ ଗଲା। ଏହାଛଡ଼ା ମଣିଷ, ଜୀବନରେ କେବଳ ଦୁଇଥର ଅଚ୍ଛୁଆଁ ହୋଇଥାଏ। ଥରେ ନିଜେ ଜନ୍ମ ହେଲା ବେଳେ ଆଉ ଥରେ ମରିଗଲା ବେଳେ। ମୁଁ ଲୋକମାନଙ୍କୁ ବହୁତ ଭଲ ପାଏ। ଏଇ ମାନଙ୍କ ପାଇଁ ମୁଁ କେତେ ଗୀତିନାଟ୍ୟ, ଭଜନ ଜଣାଣ, ଫାର୍ସ ଲେଖିଛି, ଗାଇଛି, ନାଚିଛି। ମୋର ଏ ଘରକୁ ପାଠାଗାର କରିବା ପାଇଁ ଶିକ୍ଷାମନ୍ତ୍ରୀ ଡ.ରାଧାନାଥ ରଥଙ୍କୁ ଚିଠି ଲେଖିଛି। ଆଜି ମୋର ଏ ଶେଷ ଅବସ୍ଥାରେ ମୋତେ କେହି ଆଡ଼ ଆଖିରେ ଚାହୁଁ ନାହାଁନ୍ତି। ସମସ୍ତେ ମୋତେ ଘୃଣା କରୁଛନ୍ତି। ମୁଁ ମଲା ପରେ ମୋତେ ବୋଧ ହୁଏ କେହ ମନେରଖିବେ ନାହିଁ। ମୋ ଗୀତିନାଟ୍ୟ, ଭଜନ, ଜଣାଣ କେହି ପଢ଼ିବେନି କି ଦେଖିବେନି!!!

ଲୋକଙ୍କୁ ହସଉଥିବା ମଜଉଥିବା ମନୋରଞ୍ଜନର ଖୋରାକ ଯୋଗାଉଥିବା ଏହି ମହାନ କବି କାନ୍ଦି କାନ୍ଦି ନିଜ କ୍ଷୋଭ ପ୍ରକାଶ କରି ଅଚେତ ହୋଇ ପଡ଼ିଲେ। ସେ ଦିନ ମଠ ମହନ୍ତ ଓ ଯୋଗୀ ମିଶ୍ରଙ୍କ ସହାୟତାରେ ଶଗଡ଼ ଯୋଗେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଭେଷଜ ବିଭାଗରେ କିଛି ଦିନ ଚିକିତ୍ସିତ ହେଲାପରେ ୧୯୫୬ ମସିହା ମେ ମାସ ୧୦ ତାରିଖ ବୈଶାଖ ଅମାବାସ୍ୟା ଠିକ ଆଜିର ତିଥିରେ ଏହି ମହାନ ଗୀତିନାଟ୍ୟକାର, ବାଦ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଆଶୁକବି ଗଣକବି ବୈଷ୍ଣବ ପାଣିଙ୍କ ଦେହାନ୍ତ ହୋଇଥିଲା। କବି ମୁରାରୀ ମୋହନ ଜେନା, କାଳନ୍ଦୀ ପାଣିଗ୍ରାହୀ, ଗୋରାଚାନ୍ଦ ମିଶ୍ର, ନିତ୍ୟାନନ୍ଦ ମହାପାତ୍ର ଓ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସହାୟତାରେ କଟକର ଖାନନଗର ଶ୍ମଶାନ ଆପଣେଇ ନେଇଥିଲା ଏହି କାଳଜୟୀ ମହାପ ପୁରୁଷ କବି ବୈଷ୍ଣବ ପାଣିଙ୍କ ପାର୍ଥୀବ ଶରୀରକୁ।

+ଗୋତରା, ମାହାଙ୍ଗା, କଟକ,
ମୋ : ୯୪୩୭୧୪୨୭୧୭




## ଭାରତୀୟ ପୁରାଣ ସଂସ୍କୃତି

**ନିରଞ୍ଜନ ସାହୁ**

ଆମରି ଦେଶର ପୁରାଣ ସଂସ୍କୃତି
ଗଉରବ ଆଣି ଦିଏ
ବିଶ୍ୱ ଦରବାରେ ଭାରତ ସମ୍ମାନ
ବଢ଼ାଇ ଦିଅଇ ସିଏ ।

ବୈଦିକ ସଭ୍ୟତା କାଳରୁ ଏଯାଏ
ଭାରତୀୟ ଚିନ୍ତାଧାରା
ପୁରାଣ ଭିତ୍ତିକ ସଂସ୍କୃତି ପ୍ରଭାବେ
ପ୍ରଭାବିତ ଦେଶ ସାରା
ସେ ସଂସ୍କୃତି ମାନି ଚାଲିଛି ଏ ଦେଶ
ବିରୋଧ କରିନି କିଏ ।

ବେଦ, ରାମାୟଣ, ମହାଭାରତ ଯେ
ଉପନିଷଦ ଓ ଗୀତା
ଭାଗବତ ମହାପୁରାଣ, ସହିଂତା
ନାନା ଶାସ୍ତ୍ର , ଅନୁଚିନ୍ତା
ଅଷ୍ଟାଦଶ ଖଣ୍ଡ ପୁରାଣ ଆମରି
ମନକୁ ମନେଇ ନିଏ ।

ବିଭେଦ ଭିତରେ ଏକତା ସୂତ୍ରରେ
ବନ୍ଧା ଭାରତୀୟ ସର୍ବେ
ସଂସ୍କୃତି ସମ୍ପନ୍ନ ଏ ଜାତି ମହାନ
ଟେକିଛି ତା ମଥା ଗର୍ବେ
ବୈଦେଶିକମାନେ ସ୍ୱୀକାର କରନ୍ତି
ଧନ୍ୟ ଦେଶ ଅଟେ ଇଏ ।

ଏ ଦେଶର ଚାଲିଚଳଣି ସହିତେ
ଅଛି ଯେତେ ରୀତି, ନୀତି
ପୁରାଣ ସଂସ୍କୃତି ଆଧାରରେ ସବୁ
ଚାଲୁଅଛି ଏଇମିତି
କଥା କଥାକରେ ପୁରାଣ ପ୍ରସଙ୍ଗ
ଶୁଣିନାହିଁ କୁହ ଯିଏ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ : ୯୯୩୮୭୪୧୫୮୩

## ବରଷା ସରିଲେ ଆସଇ ଶରତ

**ଜୟନ୍ତ କୁମାର ମଲ୍ଲିକ୍**

ବରଷା ସରିଲେ ଆସଇ ଶରତ
ହସର ପସରା ଧରି
ନିରିମଳ ଭାବ ସବୁରି ଅନ୍ତରେ
ଦେଇଥାଏ ସିଏ ଭରି ।

ନୀଳ ଆକାଶରେ ସାଜେ ଧଳା ମେଘ
କାଶତଣ୍ଡୀ ଫୁଲ ଫୁଟେ
ପାଗଳ ଭଅଁର ହୋଇ ତରତର
ଫୁଲ ବଗିଚାକୁ ଛୁଟେ ।

ଲଘୁଚାପ ବର୍ଷା ବେଳେବେଳେ ଆସି
ତୁଟାଏ ଶରତ ଶିରୀ
ଜହ୍ନର ପ୍ରେମରେ ହୋଇ ମତୁଆଲା
କଇଁ ହସେ କିରିକିରି ।

ଶରତର ଚାନ୍ଦ ଦିଶଇ ସହର
ସତେ ଅବା ରୂପା ଥାଳି
ଆକାଶ ବେକରେ ଶୋଭା ପାଇଥାଏ
ଅସଂଖ୍ୟ ତାରାର ମାଳି ।

ମହିଷା ମର୍ଦ୍ଦିନୀ ମାଆ ଦଶଭୂଜା
ଶରତ କାଳରେ ଆସି
ପାପ ଶକତିର କରିଣ ବିନାଶ
ହରନ୍ତି କଳୁଷ ରାଶି ।

ଅତି ଯେ ସୁନ୍ଦର ଅତି ମନୋହର
ଶରତ ଋତୁଟି ଆମ
ସିଏ ଚାଲିଗଲା ପରେ ମରତରୁ
ହେମନ୍ତ କରେ ତା'କାମ ।

+ଶୂରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ: ୯୪୩୭୮୬୫୭୨୭

## ଦେବୀ ବିସର୍ଜନ ପରେ
### ପ୍ରମୋଦ କୁମାର ମହାପାତ୍ର



ଦେବୀ ବିସର୍ଜନ ପରେ ମଣ୍ଡପ ଉଜୁଡ଼ା,
ବାହାଘର ପର ବେଦୀମୁହଁ ପୋଡ଼ା,
କୋଟି କୋଟି ଟଙ୍କା ବଜେଟ୍‌ର
ପ୍ରାସାଦ ପରିଦୃଷ୍ଟ ସାଜସଜ୍ଜା,ତୋରଣ
ଏବେ ଉନ୍ମୁକ୍ତ, ପରିତ୍ୟକ୍ତ,
ବୁଲା କୁକୁର, ଗାଈ, ଗୋରୁ
ଅବା ଅସାମାଜିକ ତତ୍ତ୍ୱଙ୍କ ଆଖଡ଼ା।

ଥାନାରେ ଅଭିଯୋଗକାରୀଙ୍କ
ଭିଡ଼ ଅସମ୍ଭାଳ,
ମୋବାଇଲ, ପର୍ସ, ସୁନା ଚେନ୍...
ହଜିଥିବା ଜିନିଷର ପ୍ରଥମ ସୂଚନା ଦାଖଲ,
ଚୋର, ପକେଟ୍ ମାର୍, ରୋଡ଼ ରୋମିଓ ମାନେ
ଉଲ୍ଲସିତ, ମାଲାମାଲ୍।

ଅକୁଳାଣ ପଲିଥିନ ତିଆରି ଅସ୍ଥାୟୀ
ବିସର୍ଜନ କୁଣ୍ଡ, ଇତସ୍ତତଃ ପରିତ୍ୟକ୍ତ
ଭଗ୍ନ ପ୍ରତିମାର ଅଙ୍ଗ ପ୍ରତ୍ୟଙ୍ଗ,
ଭୂଲୁଣ୍ଠିତ ମୁଣ୍ଡ।

ହିସାବ କିତାବ୍‌ରେ ମସଗୁଲ୍
ଦୋକାନଦାର,ଉଦ୍ୟୋକ୍ତା, ରାଜନେତା
ଲାଭ କେତେ, କ୍ଷତି କେତେ..
ଅନ୍ଧାରରେ ଭକୁଆ, ମାତାଲ୍ ଜନତା !

♥କଳାପାଣି,ଜି - ବରଗଡ଼,
ମୋ -୯୪୩୭୫୭୮୩୧୧

## ମଗୁଶିର
### ସୁଜିତ କୁମାର ମିଶ୍ର



ମାସଟିଏ ନୁହେଁ
ପୁଣ୍ୟ ବଧୂର, ଚିତ୍ରିତ ଶାଢ଼ିର କାବ୍ୟଟିଏ ।
ମଗୁଶିର ଶୀତର ଗଜଲରେ
ମିଠାମୋହର ରଙ୍ଗ,
ଜୀଇଁବାର ସୁନାଖରାରେ ଶୁଦ୍ଧ ଅନୁରାଗ ।

ଭକ୍ତି ଜୁଡୁବୁଡୁ ବେଶ ପୋଷାକରେ
ଧରାବତରଣ କରେ ମଗୁଶିର
ଯହିଁରୁ ଝରେ ପଢୁଆଁ ପୁନେଇଁର ଗୀତି
ମାଣବସାର ମନ୍ତ୍ର ସ୍ୱର ।
ଘର ଅଗଣାରେ ପୁରିଯାଏ
ଆମ ପରମ୍ପରାର ରଙ୍ଗ ଝୋଟି,
ଚଉରା ମୂଳ ପାଲଟେ ଆକର୍ଷଣୀୟ

ଆଶା ଓ ସ୍ୱପ୍ନର ଅଭିସାର,
ମଗୁଶିର ଲାଗେ ମମତାର ନଈ ତୀରେ
ଝରିପଡୁଥିବା ରାଗ ମେଘ ମହ୍ଲାର,
ଏଇ ମଗୁଶିର ତ ଆଶଙ୍କାର
ଅଶୁଭ ଲଗ୍ନ ଭିତରେ
ଅସରନ୍ତି ଭିଜାଭିଜା ମଙ୍ଗଳମୟ ଚିଠି।
ବେଶ୍ ପ୍ରବଣତାର ପକ୍ଷୀଟିଏ

ଏଇ ମଗୁଶିର,
ସ୍ନିଗ୍ଧ ସୁନେଲୀ ଆଶାର ଆକାଶେ
ପ୍ରଗତିର ଦ୍ୱାର ଏଇ ମଗୁଶିର,
ଏଇ ଲକ୍ଷ୍ମୀପାଦରେ ମହମହ ଦିଶେ
ମଗୁଶିରର ଅନ୍ତରଙ୍ଗ ପୁର ।
ମଗୁଶିର ମାଆ ପଣତର ବାସ୍ନା,
ଲୁହକୁ ଏକାଠି କରିବାର ତୃଷ୍ଣା,
ସେଇଥିପାଇଁ ତ ଏତେ ସାରା
ଭାବର ବିକିରଣରେ
ପ୍ରେମ ପୂଜା ଆରାଧନା ।
ଜୀବନ ଜଂଜାଳ ଭିତରେ
ଦୁଃଖ ସାଉଁଟୁଥିବା ବେଳେ
ମଗୁଶିର ପାଛୋଟି ନିଏ ଆଦରରେ
କାଳେ କାଳେ ।

+ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ତମେ ଅନୁପମା
### ପ୍ରଶାନ୍ତ କୁମାର ଦାଶ



ଅମା ଅନ୍ଧାରର କ୍ଳାନ୍ତି ହରାରାତି
ପଉଷ ସକାଳ ଖରା
ଅପରୂପା ଆଉ ଅନୁପମା ତମେ
ତମ ହସ ମଧୁଝରା ।
କାକର ପଖଳା ଶ୍ୟାମଳ ତୃଣତ
ପଦାଘାତ ଯାଅ ସହି
ତୁମକୁ ଝୁରେ ମୁଁ ନଦୀଟିଏ ପରି
ତୁମଠୁ ଦୂରରେ ରହି ।

ଆଷାଢ଼ ବତୁରା ମାଟି ଦେହେ ତୁମେ
ସବୁଜ ଶ୍ୟାମଳ ତରୁ
ଅଶିଣ ରାତିର ସଫା ତୋଫା ଜହ୍ନ
ପାଲଟିଚି ମୁଁ ଯେ ମରୁ ।
ହେ ରୂପସୀ ତୁମ ରୂପର ଉପମା
ଫୁଲର ସୁବାସ ସରି
ଖୋଜେ ମତୁଆଲା ହେଇ ବିଜନରେ
ପାଗଳ ଭଅଁର ପରି ।

ନିଃସଙ୍ଗ ପଥିକ ସାଜି ନିଦାଘର
ତାତିରେ ପାଉଛି ବ୍ୟଥା
ମନରୁ ଯାଉନି ପ୍ରୀତି ପ୍ରଣୟର
ଅଭୁଲା ଅକୁହା କଥା ।
ଥିଲେ ଯେତେଦୂରେ ଏଇ ମନ ଝୁରେ
ଝୁରିବାରେ ଥାଏ ସୁଖ
ତୁମକଥା ଭାବି ଦେଖି ତୁମ ଛବି
ଭୁଲେ ଜୀବନର ଦୁଃଖ ।

♥କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ:୯୬୬୮୮୨୨୧୯୦



## ଫୁଲ ବଉଳ ବେଣୀ
### ପ୍ରଦ୍ୟୁମ୍ନ ପଟ୍ଟନାୟକ

ପାର୍ବଣର ଋତୁ କେଡ଼େ ମନୋହର
ଧରାରେ ଶରତ ଆଣି
ମଧୁର ହିଲ୍ଲୋଳେ ହସେ କାଶତଣ୍ଡୀ
କଇଁ ଭରା ପୁଷ୍କରିଣୀ ।

ତୁଳସୀ ଚଉରା ମୂଳେ ନିତି ସଂଜେ
କୁଆଁରୀ କନିଆ ମେଳି
ଶରଦ ଆକାଶେ ଦେଖି ସଫା ଜହ୍ନ
ଚାନ୍ଦକୁ ପୂଜିବେ ବୋଲି
ତୋଳି ଆଣୁଥାନ୍ତି କେତେ ଫୁଲ ସଙ୍ଗେ
କଷି କାକୁଡ଼ି ଓ ଜହ୍ନି ।

ପଦ୍ମ ପୋଖରୀରୁ ଆସେ କଇଁଫୁଲ
ତୋଳି ବାଙ୍କୁ ଫୁଲ ଘର
ଧବଳ କୁମୁଦ ସାଥେ ଜହ୍ନି ଫୁଲ
ସୁନା ପରି ରଙ୍ଗ ଯାର
ଶ୍ରଦ୍ଧାର ଅଞ୍ଜଳି ଟେକି ଦେଇ ବାଳା
ବର ମାଗେ ମନ ଜାଣି ।

ଜୋଛନା ଆଲୁଅ ବିଛାଡ଼ି ପଡ଼ଇ
ସୁନ୍ଦର ସେ ପୁର ପଲ୍ଲୀ
ହସି ଉଠେ ଧରା ପ୍ରକୃତି ଏ ବେଳେ
ପୁଲକ ମନରେ ଭରି
ଝିଅ ବୋହୂଙ୍କର କଣ୍ଠୁ ଝରେ ଗୀତି
ଯେ ଫୁଲ ବଉଳ ବେଣୀ ।

♥ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର , ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ: ୯୯୬୮୨୮୦୮୯୬

## ପ୍ରତାରଣା
### ଅନସୂୟା ପଣ୍ଡା



ସମାଜର ପ୍ରାଣ ତନ୍ତ୍ରୀରେ ଯେବେ
ଗଢ଼ି ଉଠେ ଘୃଣାର ପରିବେଶଟିଏ
ପ୍ରତାରଣାର ଚତୁରପଣରେ
ଅବିଶ୍ୱାସ ଅସ୍ପଷ୍ଟ ଚିତ୍କାରରେ
ରୋମ ଟାଙ୍କୁରି ଉଠେ ଭୟରେ
ଆଜନ୍ମ ଚକଟି ମନ୍ଥି ହେଉଥାଏ
ମନର ଅନ୍ତଃସ୍ୱର ପୀଡ଼ାରେ।

ସିଂଧୁଏ ପାରିଲା ପଣକୁ ଧରି ମନେ
ସରଳତା ଓ ବିଶ୍ୱାସରେ ଯଦି ଠିଆ ହୁଏ

ଅବିଦ୍ଧ ପାଚେରି ପରି ଆହୋପୁରୁଷିକାରେ
ପ୍ରତାରଣା କିନ୍ତୁ ବାଟକାଟି ଚାଲିଯାଏ
ବ୍ୟବସ୍ଥାକୁ ଆଖିଠାରି ପ୍ରିୟପ୍ରାୟେ।

ପାରନ୍ତି କି ଉର୍ଜାରେ ମାଆ କାଳୀ ହୋଇ
ଦେବ ପ୍ରତାରଣାକୁ ସଦର୍ପେ ପରାହତ ପରି

ଖେଦିପାରନ୍ତି କି କୁଚକ୍ରୀ ପ୍ରତାରକ ଗୋଷ୍ଠୀ
ହେଲେ ପାରେନି ଦେଇ କାଣିଚାଏ ଶାସ୍ତି
ମୋହାବେଶ ପଛକୁ ପଛ ଓଟାରନ୍ତି।

ଫେରିଆସେ ମୁଁ ବାସ୍ତବତାରେ
ପ୍ରତାରିତ ସମାଜକୁ ବିରକ୍ତିରେ
ଶୋଇଯାଆନ୍ତି ବ୍ୟଂସିତ ଇଚ୍ଛାମାନେ
ମୁଁ ଶକ୍ତିରୁ ସହନଶକ୍ତି ହୋଇଯାଏ
ଏକାକୀ ଏକ ଭିନ୍ନ ଆତ୍ମ ପରିଚିତିରେ
ବିଷଣ୍ଣ ସଂଗୁପ୍ତ ମନୋଭାବରେ।

ବୁର୍ଲା, ସମ୍ବଲପୁର
(ମୋ) ୯୪୩୯୨୧୧୯୭୧

## ଜୀବନ ଓ ମୃତ୍ୟୁ
### ପ୍ରଦେଶ ପ୍ରତ୍ୟୁଷ



ଜୀବନ—
ଏକ ଅଜଣା ଯାତ୍ରା,
ଶିଶୁର ହସରୁ ଆରମ୍ଭ,
ସ୍ୱପ୍ନ, ସଂଘର୍ଷ ଓ ସମୟର
ଛାଇ ଆଲୁଅର ଖେଳ ।

ମୃତ୍ୟୁ—
ନିରବ ଶେଷ ସୀମା,
ସବୁ ପଥର ଅନ୍ତ,
ଶ୍ୱାସରେ ରହିଥିବା ସରଳ ସତ୍ୟର ସ୍ମରଣ।

ଜୀବନ ଶିଖାଏ—
ଭଲ ପାଇବା, ଭରସା, ତ୍ୟାଗ
ସମାଜ ପାଇଁ ଛୋଟ ପଦକ୍ଷେପ,
ଜୀବନକୁ ସୁନ୍ଦର କରିବାର
ସ୍ୱପ୍ନରେ ସବୁଠାରୁ ବଡ଼ ସାଧନା।

ମୃତ୍ୟୁ କହେ—
'ତୁମେ କେତେ ଧନ ସଂଗ୍ରହ କଲ,

ସେଥିରେ କିଛି ଲାଭ ନାହିଁ;
ତୁମେ କେତେ ହୃଦୟ ଜିତିଲ,
ସେଥିରେ ଅମରତ୍ୱର ଅର୍ଥ ଲୁଚିଛି।

ଜୀବନ ଓ ମୃତ୍ୟୁ—
ଦୁଇଟି ପଥ,
ଗୋଟିଏ ମୁଦ୍ରାର ଦୁଇଟି ଭିନ୍ନ ପାର୍ଶ୍ୱ।

ମୃତ୍ୟୁ ଆସିବା ପୂର୍ବରୁ
ସ୍ମୃତି ହେଉ ମଧୁର
ସଂପର୍କ ହେଉ ସୁମଧୁର ।

ଶେଷ ବେଳେ ହସି ହସି ଯାଉଥିବ
ପଛରେ ସମସ୍ତେ -
ମନେପକାଇ ଝୁରି ହେଉଥିବେ ।

♥କୁରୁମଟାଙ୍ଗର, ମହୁଲପଡା,ଢେଙ୍କାନାଳ
ମୋ: ୭୦୦୮୪୩୧୨୫୭

## ଯେଉଁ ଲୁହ ଦିନେ...
### ନୀଳମଣି ଚାନ୍ଦ



ଯେଉଁ ଲୁହ ଦିନେ ହସ ଉଛୁଳେଇ
ଯାଉଥିଲା କେତେ ବହି
ମନ ଭାବୁଥିଲା ସିଏ ଯେ ଖୁସିର
ଅଫୁରନ୍ତ ଏକ ନଈ ।

ଏବେ ସେହି ଲୁହ ନୁହଁଇ ହସର
ତା ଠାରେ ଦୁଃଖର ତାତି
ଲାଗେ ନିଦାଘର ଉହକ ପରଶେ
ହୋଇଯାଇଛି ତା ସାଥୀ
ମୁଁ ଏକା ବିଜନେ ରହି ଗୁମୁରୁଛି
ପାରେନା କାହାକୁ କହି ।

ଏମିତି ଜୀବନ ମରଣ ସମାନ
ବିରହ ନିଆଁରେ ଜଳେ

ଦେଖିଛ କି ବନ୍ଧୁ ମୋ ପରି ମଣିଷ
ଅଛି କିଏ ମହୀ ତଳେ
ଏକା କରି ଦେଇ ସବୁ ଗଲେ ଚାଲି
ପାରୁନି ଏ ଦୁଃଖ ସହି ।

♥୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ତୁ ଝିଅ କେମିତିକା
### ରବୀନ୍ଦ୍ର କୁମାର ପାତ୍ର

ଭାଙ୍ଗି ଦେଲୁ ହୃଦୟକୁ ଦେଇ
ପ୍ରେମରେ ଧୋକା
ଆଜି ବି ଭାବୁଛି ତୋତେ
ତୁ ଝିଅ କେମିତିକା.
ଭଲ ପାଇବାର ଅଭିନୟ କଲୁ ଚଳନା କରି
ମୋତେ ଠକି ଦେଇ ଗଲୁ
ଆଜି ବି ଭାବୁଛି ତୁ ଝିଅ କେମିତିକା...

ହସ ନେଇ ଲୁହ ଦେଲୁ ବିଶ୍ୱାସକୁ ବିଷ କଲୁ
କି ଲାଭ ପାଇଲୁ କହ ଲୋ
ଲୋକ ହସା କାହିଁ କଲୁ ଅଧା ବାଟେ ଛାଡି ଦେଲୁ
କି ଖୁସି ପାଇଲୁ କହ ଲୋ...

ମନେ ଥିଲା ଯଦି ଏତେ କଥା କାହିଁ ଭରସା
ଦେଲୁ
ସପନ ଦେଖେଇ ରାତିକୁ ହଜେଇ କାହିଁକି
ହାତ ଛାଡି ଚାଲି ଗଲୁ..

ଆଉ କାହା ହାତକୁ ହାତରେ ଧରିଲୁ ମୋତେ
କରି ଲୋକ ହସା
ବଞ୍ଚି ଥାଉ ଥାଉ ମୋତେ ମାରି ଦେଲୁ
ଭାଙ୍ଗି ଦେଇ ପ୍ରେମ ବସା..

ଯେଉଁଠି ଥାଅଲୋ ଭଲରେ
ଥାଅଲୋ ମୋ ଖୁସି ତୋତେ ଦେଲି
ସୁହାଗ ସିନ୍ଦୁର ବଜର ହେଉ ତୋ
ତୋତେ ଏଇ ଆଶ୍ରିବାଦ ଦେଲି ।

♥ଗୁଲନଗର, କେନ୍ଦ୍ରାପଡ଼ା
ମୋ: ୯୯୩୭୦୭୮୯୧୬

## କୁଆଁର ପୁନେଇଁ
### ସୁନନ୍ଦା ମହାନ୍ତି



ଚଉରା ଉପରେ ମାଆ ବୃନ୍ଦାବତୀ
ଆକାଶରେ ଜହ୍ନରାତି
ସକାଳୁ ଆଞ୍ଜୁଳି ଧୂପ ଦୀପ ବତୀ
କୁମାରପୁନେଇଁ ତୋଫା ଚାନ୍ଦିନୀପ୍ରୀତି
ସମାନ ନୁହଁ ସବୁ ଦିନ ସବୁ ରାତି
ଏ ରାତି ନିଆରା ଅତି
ପାଖରୁ ଦିଶେ ଜହ୍ନର ଜହ୍ନରାତି
କୁଆଁରୀ ମନରେ ଭାବ ଅସରନ୍ତି
ଚାନ୍ଦ ପରି ବର ହୁଅନ୍ତା ପ୍ରାପ୍ତି
କାମନାର ନାହିଁ ଇତି ଖାଲି ମିଠା ପ୍ରତିଶ୍ରୁତି
ଏ ଚାନ୍ଦିନୀ ରାତି ଛନକା ପ୍ରଜାପତି
ବାଦଲକୋଳେ ବଉଦମେଳେ ଏ ଜହ୍ନରାତି
ଗାଏ କୁମାର ପୁନେଇଁ ଗୀତି
କୁମାର ପୁନେଇଁ ଜହ୍ନ ଗୋ ଢ଼ାଳି ଚଇତି

ଚାନ୍ଦିନୀ ପରଷି ଦିଅ ଗୋ ଛାତି ହୁଏ କରତି
ଭାବ ପୀରତିରେ ବାନ୍ଧି ପୁଚି ଖେଳନ୍ତି
ଗାଇ କୁମାର ପୁନେଇଁ ଗୀତି
କୁଆଁରୀମାନଙ୍କ ସପନ ପାଇବେ ବର ଏମିତି
ଜୀବନ ଜହ୍ନରାତି ମନ ପ୍ରଜାପତି
ଉଡି ବୁଲିବ ନେଇ କୃଷ୍ଣାମଧୁ ପ୍ରୀତି ।

♥ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

## ଏକ ଅଡୁଆ ସୂତାର ଖିଅ
### ମୋହନ କୁମାର ସ୍ୱାଇଁ



ଏମିତି ଏକ
ଧଳା କାଗଜ ପିଠିରେ
ଲାଉ ହୋଇଯାଇଛି
ନିଶ ନ ଉଠିବା କାଳୁ,
ନା' ଅଠା ଛାଡୁଛି
ନା' ମନଇଛା ଦଉଡ଼ି ପାରୁଛି ।

ଦୂରରୁ ଦିଶୁଥିଲା
ତନ୍ଦୁରି, ମଟନର ସୁଆଦିଆ ଝୋଳ

ନିକଟରୁ ଅସ୍ଥି କଙ୍କାଳର ମାଳ
ନା ବେକ ସମ୍ଭାଳୁଛି ନା ବିବେକ ଜିତୁଛି
ଅଡୁଆ ସୂତା
ବନେଇ ଦେଇଛି ଜବରଦସ୍ତ
ଅବୁଝା ପାଗଳ ।

ଏଣେ ପବନକୁ ଡର
ତେଣେ ପାଣିକୁ ବିଚାର ।
ଦୁଇ ଗୋଡ଼ରେ ପାଦ ଥୋଇ
ନାଆ ରେ ସଂସାର ।

ଦୁଃଖ ନାହିଁ ସିଏ ମୋର
ପାଖ ପଶୁନାହିଁ
ସୁଖ ନାହିଁ ଆଜି ଯାଏ
ମନୁ ଲିଭୁନାହିଁ
ଅଡୁଆ ସୁତାର ଗଣ୍ଠି ସେ
ଫିଟିବାର ନା ଧରୁନାହିଁ
କେବେ ଥରେ ପାଶେ ଆସି
ଶୋଷ ମାରୁନାହିଁ ।

♥ମାରୁତି ବିହାର ୨ ଗାନ୍ଧୀନଗର,
ବ୍ରହ୍ମପୁର, ମୋ: ୮୧୧୮୦୯୯୦୩୮



## ରେଡିଓ..
### ମନୋଜ କୁମାର ବେହେରା

ରେଡିଓ ଏବେବି ଗ୍ରାମୀଣ
କ୍ଷେତ୍ରରେ ମିଳିଥାଏ
ଯେଉଁଠି ଏବେବି ନାହିଁ ପ୍ରକାଶର ଡିଜିଟାଲ୍
ଆମର ଦେଶ କୃଷି ପ୍ରଧାନ କୁହାଯାଏ,
ରେଡିଓରେ ପ୍ରସାରିତ କାର୍ଯ୍ୟକ୍ରମ କୃଷକର
କୁଆଡେ ବି ନେଇ ଯାଇକରି
ଶୁଣିବାରେ ସାହାଯ୍ୟ କରେ..
ଡିଜିଟାଲ୍ କ୍ରାନ୍ତିରେ ମଧ୍ୟ ରେଡିଓ
ପ୍ରାସଂଗିକ ଅଟେ..
କାହିଁକି ଏହାର ପହଞ୍ଚ ଦିଲ୍ଲୀ ପର୍ଯ୍ୟନ୍ତ ଥାଏ
ଚକାଚକରୁ ଦୂର ପ୍ରସାରଣ
ଶାନ୍ତି ପୂର୍ଣ୍ଣ ଅଟେ।

♥ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ମୋ: ୭୯୭୮୮୩୦୬୧୧

## ନିରବତା
### ହେମନ୍ତ ସାହୁ



ସେ ଚୁପ୍ ରହେ ତଥାପି ବହୁତ୍ କିଛି କହିଦିଏ,
ତା ନିରବତାରେ ସେ
ବହୁତ୍ କିଛି କହିଦେଇପାରେ
ସମସ୍ତେ କହନ୍ତି ସେ ନିରବତାକୁ ପସନ୍ଦ କରେ
କିନ୍ତୁ ତା ନିରବତାରେ ଅଛି ବିଧ୍ୱଂସ
ସମସ୍ୟାର ପାହାଡ଼ ।
ନିରବତାର କାରାଗାରରେ ସେ
ବନ୍ଦୀ ହୋଇ ରହିଯାଏ
କେ ଜାଣେ ସେ ଆଉ
ଏହି ନିରବତା କାରାଗାରରୁ
ବାହାରିପାରିବ,
ଏବେ ନିରବତା ତାକୁ ଏବେ ଶାନ୍ତି ଦେଉଛି
ଏବେ ସେ ତା ନିରବତାରେ ଶାନ୍ତି ପାଉଛି ।
ସେ ଚୁପ୍ ରହେ ତଥାପି ବହୁତ୍ କିଛି କହିଦିଏ,
ନିରବତା ତାକୁ କାରାଗାର ଲାଗୁଥିଲା
କିନ୍ତୁ ଏବେ ଜାଣିପାରେ
ନିରବତା ହିଁ ମଣିଷକୁ ଶାନ୍ତି ଦେଇପାରିବ ।

ମଣିଷ କେବେ ନିରବତାକୁ
ବୁଝି ପାରିବା ନାହିଁ,
କାରଣ ମଣିଷକୁ ଲାଗେ ନିରବତା ଏକ
ନିଶବ୍ଦ
କିନ୍ତୁ ନିରବତା ତା ଭିତରେ
ଏକ ବିଶ୍ୱ ବ୍ରହ୍ମାଣ୍ଡ... ।
ମଣିଷ ଯଦି ନିରବତାର ର ଅର୍ଥ ବୁଝିପାରିବ
ସେତେବେଳେ ମଣିଷ ଆଉ ମଣିଷ ରହିବନି
ବରଂ ଗୋଟେ ଗୋଟେ
ଗୌତମ ବୁଦ୍ଧ ପାଲଟି ଯିବ ।

♥ରେଗଡ଼ା,କଳାହାଣ୍ଡି
ପିନ - ୭୬୬୧୦୨ ଓଡ଼ିଶା
ମୋ ୬୩୭୧୮୨୭୦୩୧

## ଦେଖା ହେଲେ କହିବି ସେ କଥା
### ତପନ ସାହୁ



କଥାଟିଏ କହିବାର ଅଛି ତୁମକୁ
ଦେଖା ହେଲେ କହିବି ସେ କଥା
ହାତରେ ହାତ ରଖି
ଆଖିରେ ଆଖି ମିଶେଇ
ଖୁବ୍ ପାଖାପାଖି ବସି ।।
ତୁମ ପୃଥିବୀରୁ ଫେରିଥିବା ପକ୍ଷୀ
ଏବେ ମୋ ବାଡି ପଟ କଦମ୍ବ ଗଛରେ,
ବସା ବାନ୍ଧି ରୁହେ,
ଡାଳରେ ଥଣ୍ଟ ଘଷେ,
ପର ଝାଡେ, କିଚିରିମିଚିରି କରି କୁହେ
ତୁମେ କାଳେ ମୋ ଅପେକ୍ଷାରେ ଅଛ ।।

ତୁମ ହାତ ସ୍ପର୍ଶରେ ତା' ଦେହ ସାରା ପ୍ରେମଚିହ୍ନ
ପକ୍ଷୀ ମୋ ପାଖକୁ ଆସେ
ମୋ ହାତରେ ବସେ
ପକ୍ଷୀ ବାସେ ଠିକ୍ ତୁମ ପରି

ଚହଟେ ମୋ ଘର, ଅଗଣା, ବାଟଘାଟ ।।
ପକ୍ଷୀ କଥା ଠିକ୍ ତୁମ ପରି
ମିଠାମିଠା ଲାଗେ,
ପକ୍ଷୀ ଯେବେ ମୋ ଦେହରେ ପର ବାଡେଇ
ଉଡିଯାଏ ଦୂର ଆକାଶ
ଲାଗେ ମୋତେ ତୁମ ଓଢ଼ଣୀ ଉଡୁଛି
ଫରଫର ହୋଇ ।।
ଅପେକ୍ଷାର ଝାଞ୍ଜିରେ ଶୁଖି ଗଲାଣି ଓଢ଼ଣୀ
ସତେଜ କିନ୍ତୁ ଅକୁହା ମାନକଥା ଏବେବି,
ଇନ୍ଦ୍ରଧନୁର ସାତରଙ୍ଗକୁ ସାଇତିଛି
ମନ ଆକାଶରେ
ଆଙ୍କିବାକୁ ତୁମ ଚିତ୍ର...
ଚିତ୍ର ତୁମ କଥା କହିବ କି ?
ହାତ ଠାରି ମତେ ଡାକିବ କି ?
ଡାକିବ କି....'ଆସ...ଆସ...
ଏଇତ ମିଳନର ମହାର୍ଘ୍ୟ ମୁହୂର୍ତ୍ତ ବିଶେଷ ।।

♥ବେଲଗାଁ, ମ.ରାମପୁର
ମୋ:୯୦୧୯୩୧୧୮୬୮

# ଓଡ଼ିଶା ରାଜ୍ୟ ନୂତନ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଅର୍ଗାନାଇଜେସନର ରାଜ୍ୟସ୍ତରୀୟ ବୈଠକ

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ନୂତନ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଅର୍ଗାନାଇଜେସନ୍ର ରାଜ୍ୟସ୍ତରୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ସମସ୍ତ ଜିଲ୍ଲାର ନୂତନ ଭାବେ ଗଠନ ହୋଇଥିବା ନୂତନ ପ୍ୟାକ୍ସ ଓ ଲ୍ୟାମ୍ପସ୍ର ସଭାପତି ଓ ସମ୍ପାଦକମାନେ ଏକାଠି ହୋଇ ସେମାନଙ୍କର ଦାବି ଓ କର୍ମକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ । ଓଡ଼ିଶା ରାଜ୍ୟ ନୂତନ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଅର୍ଗାନାଇଜେସନ୍ର ରାଜ୍ୟ ସଭାପତି ଗୁପ୍ତେଶ୍ୱର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଧାରଣସଭାରେ ରାଜ୍ୟ ବିଜେପିର ପୂର୍ବତନ ସଭାପତି ତଥା ବର୍ତ୍ତମାନର ରାଜ୍ୟ ଅଲମ୍ପିକ୍ ଆସୋସିଏସନର ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ, ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତ ଜିଲ୍ଲାରୁ ଆସିଥିବା ସଭାପତି ଓ ସମ୍ପାଦକମାନଙ୍କର ସମସ୍ୟା ବିଷୟରେ ଅବଗତ ହୋଇଥିଲେ ଏବଂ ରାଜ୍ୟ ସରକାରଙ୍କୁ ସେମାନଙ୍କର ଦୁଃଖ ଓ ସମସ୍ୟା ଜଣାଇ ଖୁବ୍‌ଶୀଘ୍ର ସମାଧାନର ରାସ୍ତା ବାହାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟତଃ ୩ ଦଫା ଦାବି ନେଇ ପ୍ୟାକ୍ସ ଓ ଲ୍ୟାମ୍ପସ୍ର ସଭାପତି ଓ ସମ୍ପାଦକମାନେ ଅତିଥିମାନଙ୍କୁ ଜଣାଇବା ସହ ଦାବି ପୂରଣ ପାଇଁ ଅନୁରୋଧ କରିଥିଲେ । ଦାବିଗୁଡ଼ିକ ହେଲା (୧) ନୂତନ ପ୍ୟାକ୍ସମାନଙ୍କରେ ସ୍ଥାୟୀ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ (୨) ନୂତନ ପ୍ୟାକ୍ସର ସମସ୍ତ ଦାୟିତ୍ୱ ସମ୍ପାଦକମାନଙ୍କୁ ପ୍ରଦାନ କରି ପ୍ୟାକ୍ସ ଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଅନୁମତି ପ୍ରଦାନ । (୩) ସମସ୍ତ ସମ୍ପାଦକମାନଙ୍କୁ ମାସିକ ବେତନ ସହ ବିଗତ ବର୍ଷ ଗୁଡ଼ିକରୁ ବକେୟା ଥିବା ବେତନ ପ୍ରଦାନ । ମୁଖ୍ୟଅତିଥି ସମୀର ମହାନ୍ତି କହିଥିଲେ ଯେ, ରାଜ୍ୟରେ ପ୍ରଥମଥର ପାଇଁ ନୂତନ ରାଜନୈତିକ ସଂସ୍କୃତି ଓ ନୂତନ ବିଚାରାଧାରାର ସରକାର ଗଠନ ହୋଇଛି ଓ ଏ ସରକାର ଲୋକଙ୍କ ସରକାର, ଲୋକମାନଙ୍କର ସବୁ ସମସ୍ୟାର ସମାଧାନ ଉପରେ ଅହରହ ଚେଷ୍ଟା କରୁଛନ୍ତି । ଆପଣମାନେ ସମବାୟ ସଂସ୍ଥାର ମେରୁଦଣ୍ଡ ହୋଇଥିବାରୁ ଆପଣମାନଙ୍କ ସମସ୍ୟା ସମାଧାନ ପାଇଁ ମୁଁ ବ୍ୟକ୍ତିଗତ ଭାବେ ସରକାରଙ୍କ ସହିତ ଆଲୋଚନା କରି ସମାଧାନ କରିବାକୁ ଚେଷ୍ଟା କରିବି । ସମ୍ମାନିତ ଅତିଥି ଗୋଲକ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ରାଜ୍ୟରେ ସମବାୟ ନୀତି ଶତପ୍ରତିଶତ ସଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ପାଇଁ ଆମ ସରକାର ନୀତି ସ୍ପଷ୍ଟ ଓ ଲକ୍ଷ୍ୟ ମଧ ସ୍ପଷ୍ଟ ଅଟେ । ଆପଣମାନଙ୍କର ବହୁଦିନର ସମସ୍ୟାଗୁଡ଼ିକ ଉପରେ ସମବାୟ ମନ୍ତ୍ରୀ, ସଚିବ ଏବଂ ରେଜିଷ୍ଟ୍ରାରଙ୍କ ସହିତ ଆଲୋଚନା କରି ସମାଧାନ କରିବା ପାଇଁ ଚେଷ୍ଟା ଜାରି ରଖିବି ବୋଲି ପ୍ରତିଶ୍ରୁତି ଦେଇଥିଲେ । ପ୍ରାରମ୍ଭରେ ରାଜ୍ୟ ନୂତନ ପ୍ୟାକ୍ସ ଓ ଲ୍ୟାମ୍ପସ୍ର ସାଧାରଣ ସମ୍ପାଦକ ଲିପୁନ୍ ବସ୍ତିଆ ସ୍ୱାଗତ ଭାଷଣ ଦେବାସହ ବିବରଣୀ ପାଠ କରିଥିଲେ । ଉକ୍ତ ସଭାରେ ବିଶିଷ୍ଟ ସମବାୟବିତ୍ ପ୍ରିୟବ୍ରତ ସ୍ୱାଇଁ ଓ ସୌଭାଗ୍ୟ ପାତ୍ର ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ପରିଚାଳନା କରିବା ସହ ଏକଜୁଟ୍ ହୋଇ ଭବିଷ୍ୟତରେ ନିଜ ଦାବି ହାସଲ କରିବା ପାଇଁ ସରକାରଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ସଭା ଶେଷରେ ଉପସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଛଅମୌଜା ବିଦ୍ୟାଧରପୁର ବିଦ୍ୟାପୀଠରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଧର୍ମଶାଳା, ୦୬/୧୦ (ନି.ପ୍ର): ଯାଜପୁର ଜିଲା ବଡଚଣା ବ୍ଲକ ଛଅମୌଜା ବିଦ୍ୟାଧରପୁର ବିଦ୍ୟାପୀଠରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ତରୁଣ କୁମାର ବଳିଆର ସିଂହଙ୍କ ଉଦ୍ଦେଶ୍ୟରେ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତରୁଣ କୁମାର ସାମଲଙ୍କ ସଭାପତିତ୍ୱରେ ଏହି ସମ୍ବର୍ଦ୍ଧନା ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବିଦାୟୀ ଶିକ୍ଷକ ଦୀର୍ଘ ୩୨ ବର୍ଷ ଧରି ମଣିଷ ତିଆରି କାରଖାନାରେ ଅନେକ ଛାତ୍ରଛାତ୍ରୀମାନଙ୍କୁ ଗଢି ତୋଳିବାରେ ତାଙ୍କର ଭୂମିକା ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷାକର୍ମଚାରୀ, ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ ଓ ଅବିଭାବକମାନେ ଯୋଗ ଦେଇଥିଲେ ।

# ସରକାରୀ ମୋଟର କର୍ମଚାରୀ ସଂଘ କେନ୍ଦୁଝର ଶାଖା ପକ୍ଷରୁ ବନ୍ଧୁ ମିଳନ ଓ ନୂତନ କର୍ମକର୍ତ୍ତା ଚୟନ

କେନ୍ଦୁଝର, ୦୬/୧୦ (ନି.ପ୍ର): ସରକାରୀ ମୋଟର କର୍ମଚାରୀ ସଂଘ କେନ୍ଦୁଝର ଜିଲ୍ଲା ଶାଖା ବିଶ୍ରାମ ଗୃହଠାରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସର୍ବସମ୍ମତିକ୍ରମେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯିବା ସହ ଅବସରଗ୍ରହଣ କରିଥିବା ସଭ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପ୍ରାରମ୍ଭରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ସଭାପତି ଭାବେ ପର୍ଶୁରାମ ମହାନ୍ତି, ସମ୍ପାଦକ ଭାବେ ପ୍ରତାପ ଚନ୍ଦ୍ର ରାଜ, କୋଷାଧ୍ୟକ୍ଷ ଭାବେ ବଳରାମ ସାହୁ (ଦୀପୁ), ଉପସଭାପତି ଆନନ୍ଦପୁରର ସୁଜିତ କୁମାର ଲାଗୁରୀ, ଚମ୍ପୁଆରୁ ମହମ୍ମଦ ଖଲିଲ ଓ ସଦର ନିମନ୍ତେ ଜୟନ୍ତ କୁମାର ଦାସ ଏବଂ ଉପଦେଷ୍ଟା ଭାବେ ଶ୍ରୀ ହେମନ୍ତ କୁମାର ନାଥ ଓ ରାଜେଶ କୁମାର ଦାସଙ୍କୁ ମନୋନୀତ କରାଯାଇଥିଲା । ପରେ ପରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଯୋଗ ଦେଇ ସଂଘର ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ମାର୍କଣ୍ଡ ଗିରି, ଗଜେନ୍ଦ୍ର କୁମାର ବ୍ରହ୍ମ, ରମେଶ ଚନ୍ଦ୍ର ପାଳ, ଶେଖ ଫିରୋଜ୍, ଶିବେନ୍ଦ୍ର କୁମାର ରାମ, ତରଣୀସେନ ମାଝୀ, ଦେବାନନ୍ଦ ଦେଓ ଓ ବସନ୍ତ କୁମାର ସାହୁଙ୍କୁ ଶ୍ରୀ ରାୟ ପୁଷ୍ପ ଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ମନୋଜ କୁମାର ଦାସ ସଭା ପରିଚାଳନା କରିଥିଲେ ଓ ରାଜେଶ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରଏଲର କୁକୁଡ଼ାର ଚାରୋଟି ଗୋଡ଼ : ଦେଖିବାକୁ ଲାଗିଛି ଲୋକଙ୍କ ଭିଡ଼

ଜୟପୁର, ୦୬/୧୦ (ନି.ପ୍ର): ଆମେ ସମସ୍ତେ ସାଧାରଣରେ ଜାଣୁ କୁକୁଡ଼ାର ଦୁଇଟି ଗୋଡ଼ କିନ୍ତୁ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଂଚଳରେ ଦେଖିବାକୁ ମିଳିଛି ନିଆରା ଦୃଶ୍ୟ । ଗୋଟିଏ କୁକୁଡ଼ାର ଚାରୋଟି ଗୋଡ଼ । ଦେଖିଲେ ନିଶ୍ଚୟ ଆଶ୍ଚର୍ଯ୍ୟ ହେବେ । ବୋରିଗୁମ୍ମା କୋଷାଗୁଡା ମେଘା ପୋଲୁଟ୍ରି ଫାର୍ମ ନାମକ କୁକୁଡ଼ା ଫାର୍ମରେ ଏଭଳି ବିସ୍ମୟ କୁକୁଡ଼ା ଦେଖିବାକୁ ମିଳିଛି । ଗତ କିଛିଦିନ ତଳେ ଛତିଶଗଡ଼ରୁ କୁକୁଡ଼ା ଗାଡ଼ି ଆସିଥିଲା ସେ କୁକୁଡ଼ା ମଧ୍ୟରୁ ଗୋଟିଏ କୁକୁଡ଼ାର ଚାରୋଟି ଗୋଡ଼ ଦେଖି ମାଲିକ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଖବର ପ୍ରସାରିତ ହେବା ପରେ ଚାରି ଗୋଡ଼ ବିଶିଷ୍ଟ ଏହି କୁକୁଡ଼ାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଲାଗି ରହିଛି ।

# ଜାରକାରେ ମହର୍ଷି ବାଲ୍ମିକୀ ଜୟନ୍ତୀ ପାଳିତ

ଧର୍ମଶାଳା, ୦୬/୧୦ (ନି.ପ୍ର): ଧର୍ମଶାଳା ବ୍ଲକ ଜାରକା ହାଇସ୍କୁଲସ୍ଥିତ ଆମ ପାଠାଗାର ପରିସରରେ ଆଜି ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ରାଷ୍ଟ୍ରଦୀପ ପାଠକ ସମିତି ଆନୁକୂଲ୍ୟରେ ମହର୍ଷି ବାଲ୍ମିକୀ ଜୟନ୍ତୀ ପାଳିତ ହୋଇଯାଇଛି । ସଭାପତି ନୃସିଂହ ଚରଣ ମିଶ୍ରଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ସଭାରେ ଡ଼କ୍ଟର ସନ୍ତୋଷ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବ ଉଦଘାଟନ କରିବା ସହ ବାଲ୍ମିକୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଶିକ୍ଷାବିତ ତଥା ପ୍ରବଚକ ବିଭୂତି ଭୂଷଣ ପାଳ ଯୋଗଦେଇ ପବିତ୍ର ଗ୍ରନ୍ଥ ରାମାୟଣ ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଓ କବି ସଂଗ୍ରାମ କେଶରୀ ଜେନା ଯୋଗଦେଇ ରାମାୟଣର ମୌଳିକ ଦିଗ ଉପରେ ଆଲୋକପାତ କରିଥିଲେ । ବ୍ରହ୍ମବରଦା ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ଼କ୍ଟର ମହେଶ୍ୱର ପାଢ଼ୀ, ସାଧୁ ଅଭୟାନନ୍ଦ ସାରଦା, ଗୋକର୍ଣ୍ଣିକା ସଭାପତି ଡ଼. ରମାକାନ୍ତ ଜେନା, କବି ଡ଼. ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ବାଲ୍ମିକୀଙ୍କ ବିଚାରଧାରା ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ପ୍ରଦାନ କରି ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ଅନନ୍ତ କିଶୋର ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଆବାହକ ଅଧ୍ୟାପକ ବିଜୟ କୁମାର ନାୟକ, ଅବରସରପ୍ରାପ୍ତ ଶିକ୍ଷକ ଚିତରଂଜନ ମହାନ୍ତି ଓ ସମାଜସେବୀ ଈଶ୍ୱର ଚନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ କାହ୍ନୁଚରଣ ଦାଶ, ବିବେକାନନ୍ଦ ଜେନା, ପର୍ଶୁକାନ୍ତ ଜେନା, ଗୋଲକ ଚନ୍ଦ୍ର ପଲେଇ, ବିଜୟ କୁମାର ହୋତା, ଅଲେଖ ସାହୁ, ବ୍ରଜ କିଶୋର ଦାଶ, ବନମାଳୀ ରାଉତ ପ୍ରମୁଖ ଆଲୋଚନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଯୁଗଳ କିଶୋର ଦାସ ଧନ୍ୟବାଦ ଦେଇଥିଲେ ।

# ଶ୍ରୀମଦ୍ ଭାଗବତ ମହୋତ୍ସବରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଧର୍ମ ଜାଗରଣ ସମିତି, ଓଡ଼ିଶା ପକ୍ଷରୁ ଆଜି ଭୁବନେଶ୍ୱରର କଟକ ରୋଡ ସ୍ଥିତ ତେରାପନ୍ଥ ଭବନ ଠାରେ ଆୟୋଜିତ ଶ୍ରୀମଦ୍ ଭାଗବତ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ପ୍ରତ୍ୟେକ ଓଡ଼ିଆ ଘରେ ଭାଗବତ ଏବଂ ପ୍ରତ୍ୟେକ ଗାଁର ଭାଗବତ ଟୁଙ୍ଗି ମାନଙ୍କର ପୁନରୁଦ୍ଧାର ଓ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ଏହାଏ ମଧ କହିଥିଲେ ଯେ ଯୁବବର୍ଗ ଆଜିର ସମାଜର ସମସ୍ତ ବିକାଶରେ ମୁଖ୍ୟ ଭୂମିକା ନିଭାଇଥାନ୍ତି ଏଣୁ ସେମାନଙ୍କୁ ଏହି ମାର୍ଗରେ ନେବା ପାଇଁ ଭାଗବତ ପାଠ ଏକ ବଳିଷ୍ଠ ମାଧମ ।
ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶ୍ରୀମଦ୍ ଭାଗବତ ଗ୍ରନ୍ଥ, ପରମ୍ପରା, ଭକ୍ତି ଓ ଧର୍ମର ଅମୂଲ୍ୟ ଶିକ୍ଷା ସହିତ ଜନସାଧାରଣଙ୍କୁ ଭଗବତ କାର୍ଯ୍ୟରେ ସଂପୃକ୍ତ କରେ । ସେହି ଦୃଷ୍ଟିରୁ ଏହି ମହୋତ୍ସବ ଆମ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶ୍ରୀମଦ ଭାଗବତ ଗ୍ରନ୍ଥର ମହତ୍ୱ ପାଂଚଗୋଟି ମୂଳତତ୍ତ୍ୱ ଯଥା, ଈଶ୍ୱର, ଜୀବ, ପ୍ରକୃତି, କାଳ ସମୟ ଏବଂ କର୍ମକୁ ନେଇ ଏ ବିଶ୍ୱ ସଂଚାଳିତ । ସେଥିପାଇଁ ସନାତନ ପରମ୍ପରାରେ ଜୀବନ ଦୀପ ଲିଭିବା ପୂର୍ବରୁ ଶ୍ରୀମଦ ଭାଗବତ ଶୁଣି ଶେଷ ନିଶ୍ୱାସ ତ୍ୟାଗ କରିବା ପ୍ରତ୍ୟେକ ସନାତନୀର ଶେଷ ଇଚ୍ଛା ।
ଏହି ଅବସରରେ, ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତଙ୍କୁ ଅନୁରୋଧ କରିଥିଲେ ଯେ, ସମସ୍ତେ ପ୍ରତ୍ୟେହ ଭାଗବତ ପାଠ କରନ୍ତୁ, କାରଣ ଏହା ଆମ ଜୀବନକୁ ଏକ ସୁସ୍ଥ ଧାର୍ମିକ ଓ ନୈତିକ ଦିଗରେ ନେଇଯିବ । ସେ ଆହୁରି ମଧ କହିଥିଲେ ଯେ ଏହି ପ୍ରକାରର ମହୋତ୍ସବ ସମାଜରେ ଏକତାର ସୂଚକ । ଏହା ଭକ୍ତି, ସମ୍ମାନ, ଓ ମୌଳିକ ମୂଲ୍ୟକୁ ଦୃଢ଼ କରେ । ଏହି ମହୋତ୍ସବର ଅନୁଭୂତି ଓ ଶିକ୍ଷା ଉପସ୍ଥିତ ସୁଧିବୃନ୍ଦଙ୍କ ଜୀବନରେ ନିତିମୂଳକ, ଧର୍ମୀୟ, ଓ ସାମାଜିକ ଉନ୍ନତି ଆଣିବାରେ ସାହାଯ୍ୟ କରିବ ।
୨୦୧୪ ପରେ ଭାରତରେ ଭାରତୀୟ ସଂସ୍କୃତି, ପରମ୍ପରାର ଏକ ପ୍ରକାର ଅଭ୍ୟୁଦୟ ହୋଇଛି, କାରଣ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦୀ ଜୀ ନାରା ଦେଇଛନ୍ତି, ‘ବିକାଶ ଭି, ବିରାଶତ ଭି’ । ପ୍ରଧାନମନ୍ତ୍ରୀ ଏହି ଭାବକୁ କେବଳ ସ୍ଲୋଗାନ କି ଭାବନାରେ ସୀମାବଦ୍ଧ କରି ରଖି ନାହାନ୍ତି । ଏହାର ପ୍ରମାଣ ହେଉଛି ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ, ମହାକୁମ୍ଭରେ ରେକର୍ଡ ୬୮ କୋଟି ଶ୍ରଦ୍ଧାଳୁଙ୍କ ଆଗମନ, କାଶୀ ବିଶ୍ୱନାଥ କରିଡର, ମହାକାଳ କରିଡର ନିର୍ମାଣ । ଆଜି ଦେଶରେ ଏକ ଧର୍ମୀୟ ଭାବନାର ପୁନର୍ଜାଗ୍ରତ ହୋଇଛି ଏବଂ ଏହାର ନେତୃତ୍ୱ ନେଇଛନ୍ତି ଏ ଦେଶର ଯୁବ ସମାଜ । ଆଜି ପ୍ରତ୍ୟେକ ହିନ୍ଦୁ ସଗର୍ବେ ନିଜକୁ ସନାତନି ଭାବେ ପରିଚୟ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ପୁଣି କହିଥିଲେ ଯେ, ରାଜ୍ୟ ସରକାର ପ୍ରଥମ ଦିନରୁ ହି ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସହିତ ଏହାର ପ୍ରଚାର ପ୍ରସାର କରିବା ପାଇଁ ବିଭିନ୍ନ ପଦକ୍ଷେପ ଐତିହ୍ୟ ନେଉଛନ୍ତି । ଗତକାଲି ରାଜ୍ୟର ସବୁ ପୁରାତନ ଓ ଐ ସମ୍ପନ୍ନ ଦୁର୍ଗାମେଢଙ୍କୁ ୫୦ ହଜାର ରୁ ଆରମ୍ଭ କରି ୧ ଲକ୍ଷ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦେଇଛନ୍ତି ଯାହା ଓଡିଶାରେ ପ୍ରଥମ ଥର ପାଇଁ ହୋଇଛି । ଶୀତଳ ଷଷ୍ଠୀ ଯାତ୍ରା ହେଉ କି ଧନୁଯାତ୍ରା ହେଉ କି ଓଡିଶାର ମନ୍ଦିର ମଠର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ଆର୍ଥିକ ସହଯୋଗ ପ୍ରଦାନ କରୁଛନ୍ତି । ଏହି ମହତ କାର୍ଯ୍ୟ ଆଗାମୀ ଦିନରେ ଜାରି ରହିବ ।
କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ପଦ୍ମଶ୍ରୀ ଶ୍ରୀଯୁକ୍ତ ବାବା ବଳିଆ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଆ ଅସ୍ମିତାର କାର୍ଯ୍ୟକାରିତା ନିଖୁଣ ଭାବେ ସମ୍ପାଦନ କରୁଥିବାରୁ ଧନ୍ୟବାଦ ଦେବା ସହିତ ଆଗାମୀ ସମୟରେ ଶ୍ରୀମଦ ଭାଗବତ ର ତତ୍ୱକୁ ପ୍ରତ୍ୟେକ ଓଡ଼ିଆ ଘରେ ଘରେ ପହଂଚାଇବାକୁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ଓଡ଼ିଆ, ଭାଷା ସଂସ୍କୃତି ଓ ସାହିତ୍ୟ ସମେତ ଭଗବତ ଚିନ୍ତା ଚେତନା ପୁନଃ ନବୀକରଣ ହେବ । କାର୍ଯ୍ୟକ୍ରମରେ ଧର୍ମ ଜାଗରଣ ସମିତିର ପୂର୍ବ ପ୍ରାନ୍ତ ପ୍ରମୁଖ ଶ୍ରୀ ଚନ୍ଦ୍ରକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଧର୍ମ ଜାଗରଣ ସମିତିର ସଂଯୋଜକ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଧନ୍ୟବାଦ ଦେଇଥିଲେ ।

# ବାଇକ ଆରୋହୀ ଯୁବକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଟଙ୍କା ଲୁଟ

ଧର୍ମଶାଳା, ୦୬/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ କାନପୁର ନିକଟରେ ଗତକାଲି ରାତି ପ୍ରାୟ ସାଢେ ଆଠଟାରେ ଜଣେ ବାଇକ ଆରୋହୀ ଯୁବକଙ୍କୁ ଦୁର୍ବୃତମାନେ ଭୁଜାଲିରେ ଆକ୍ରମଣ କରି ୧୫ ହଜାରରୁ ଉର୍ଦ୍ଧ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି । ଦୁର୍ବୃତଙ୍କ ଭୁଜାଲି ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଆହତ ଯୁବକ କଟକ ସାଲେପୁର ଅଂଚଳର ମାନସ ଓଝା ( ୨୨) ବୋଲି ଜଣାପଡିଛି । ସୂଚନା ମୁତାବକ ମାନସ ଗତକାଲି ଏକ ବୁଲେଟ ଯୋଗେ ନିଜ ବନ୍ଧୁଘର ଥାନୁଆଳ ଅଂଚଳକୁ ଯାଉଥିବା ବେଳେ ଜାରକା ବଜାରରେ ଥିବା ଏଟିଏମରୁ ଟଙ୍କା ଉଠାଇଥିଲେ । ପରେ ସେ ନିଜ ବନ୍ଧୁଘର ଅଭିମୁଖେ ଯାଉଥିବା ବେଳେ ନାନପୁର ଛକରେ ୩ ଜଣ ଦୁର୍ବୃତ ଏକ ଧଳା ଆପାଚି ବାଇକରେ ଆସି ତାଙ୍କୁ ଭୁଜାଲିରେ ଆକ୍ରମଣ କରି ଭୟଭିତ କରିବା ସହ ତାଙ୍କ ନିକଟରୁ ୧୫ ହଜାର ଟଙ୍କା ଲୁଟି ନେଇଥିଲେ । ଏଥିସହ ଦୁର୍ବୃତମାନେ ତାଙ୍କ ବୁଲେଟକୁ ଛଡାଇ ନେବାକୁ ଉଦ୍ୟମ କରିଥିବା ବେଳେ ମାନସ ଚିତ୍କାର କରିବାରୁ ଲୋକେ ରୁଣ୍ଡହେବା ଭୟରେ ଦୁର୍ବୃତମାନେ ଗାଁ ରାସ୍ତାଦେଇ ଫେରାର ହୋଇଯାଇଥିଲେ । ମାନସଙ୍କ ଦୁଇ ହାତରେ ଗଭିର ଆଘାତ ଲାଗିଥିବା ବେଳେ ସେ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଗତକଲି ବିଳମ୍ବିତ ରାତିରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ଧର୍ମଶାଳା ଥାନା ପୁଲିସ ୬୨୩/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ଗୁଣ୍ଡିଚାଘାଗୀ ଜଳପ୍ରପାତକୁ ଗାଧୋଇବାକୁ ଯାଇ ଯୁବକ ନିଖୋଜ

ଘଟଗାଁ, ୦୬/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ର ଅନ୍ୟତମ ଜଣାଶୁଣା ପ୍ରାକୃତିକ ମନୋରମ ପର୍ଯ୍ୟଟନସ୍ଥଳୀ ଘଟଗାଁ ଓ ହରିଚନ୍ଦନପୁର ଥାନା ଅନ୍ତର୍ଭୁକ୍ତ ଗୁଣ୍ଡିଚାଘାଗୀ ଜଳପ୍ରପାତରେ ଆଜି ଜଣେ ଯୁବକ ଭାସିଯାଇ ନିଖୋଜ ଅଛନ୍ତି । ଖବର ନେବାରୁ ଜଣାଯାଏ ଯେ, ହରିଚନ୍ଦନପୁର ଥାନା ଅନ୍ତର୍ଗତ ବଡ ଶିଆଳିମାଳ ଗ୍ରାମର ସତ୍ୟପ୍ରକାଶ ମହାନ୍ତ (୨୫) ପାରାଦ୍ୱୀପ ଠାରେ ରହି ଏକ ପ୍ରାଇଭେଟ୍ କମ୍ପାନୀରେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି । ସେ ଦୁର୍ଗାପୂଜା ଅବସରରେ ତାଙ୍କ ସାଙ୍ଗ ମାନଙ୍କ ସହିତ ଘରକୁ ବୁଲିବାକୁ ଆସିଥିଲେ । ଆଜି ସକାଳେ ସେ ଗୁଣ୍ଡିଚାଘାଗୀ ଜଳପ୍ରପାତକୁ ସାଙ୍ଗ ମାନଙ୍କ ସହିତ ଗାଧୋଇବାକୁ ଯାଇ ପାଣିର ଗଭୀର ସ୍ରୋତରେ ଭାସି ଯାଇଛନ୍ତି । ଖବରପାଇ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୋଲିସ ଖୋଜାଖୋଜି କରୁଛନ୍ତି ।

# ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ସମାରୋହ : ବାଜି ରାଉତଙ୍କ ବଳିଦାନ ବିଶ୍ୱ ବିଦିତ

ଭୁବନ, ୦୬/୧୦ (ନି.ପ୍ର): ଭାରତର ଗୌରବ, ଓଡ଼ିଶାର ଗର୍ବ ସହିଦ ବାଜି ରାଉତଙ୍କ ସାହସ ଓ ତ୍ୟାଗ ଓଡ଼ିଆ ଜାତିର ବୀରତ୍ୱ ବଖାଣେ । ମାତ୍ର ୧୨ ବର୍ଷ ବୟସରେ ସେ ବ୍ରିଟିଶ ଗୁଳି ଆଗରେ ଛାତି ପତେଇଦେଇଥିଲେ । ବାଜି ରାଉତଙ୍କ ସାହସ ଯୁବଗର୍ବଙ୍କ ପାଇଁ ଆଦର୍ଶ । ସମୃଦ୍ଧ ଓଡ଼ିଶା, ବିକଶିତ ଭାରତ ଗଠନରେ ବାଜି ରାଉତଙ୍କ ପଥ ଅନୁସରଣୀୟ ବୋଲି ଢ଼େଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ନିଳକଣ୍ଠପୁର ଠାରେ ଆୟୋଜିତ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ । ବାଜି ରାଉତଙ୍କ ଆଦର୍ଶକୁ ଉଜ୍ଜିବିତ ରଖିବାକୁ ଭୁବନେଶ୍ୱରର ଏକ ରାସ୍ତାକୁ ବାଜି ରାଉତଙ୍କ ନାମରେ ନାମିତ କରାଯିବା ସହ ବାଜି ରାଉତଙ୍କ ନାମରେ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ବାଜି ରାଉତଙ୍କ ସ୍ମୃତି ପିଠରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ବାଲୁକା କଳା ଓ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଆୟୋଜିତ ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ବାଜି ରାଉତଙ୍କ ସ୍ମୃତି ଚାରଣ କରି କହିଥିଲେ, ଭାରତର କନିଷ୍ଠତମ ସ୍ୱାଧୀନତା ସଂଗ୍ରାମୀ ଭାବେ ବୀର ବାଳକ ଶହିଦ ବାଜି ରାଉତଙ୍କ ଜୀବନ ସ୍ୱଳ୍ପ, କିନ୍ତୁ ତାଙ୍କର ବୀରଗାଥା ଚିରଦିନ ପାଇଁ ପ୍ରେରଣାଦାୟୀ । ତାଙ୍କ କର୍ତବ୍ୟ, ଦେଶ ଓ ଜାତି ପାଇଁ ଅବଦାନ ପାଖରେ ଆଜି ଏ ଓଡିଆ ଜାତି ନତ ମସ୍ତକ । ବାଜି ରାଉତଙ୍କର ଅସାଧାରଣ ଦେଶ ପ୍ରେମ, ସାହାସ ଓ ଅସୀମ ତ୍ୟାଗ ଆଜି ଓଡିଆ ଜାତି ପାଇଁ ମହାନ ଗର୍ବ ଓ ଗୌରବର ପ୍ରତୀକ । ଏକ ଛୋଟ ଗାଁରେ ଜନ୍ମ ହୋଇଥିଲେ ମଧ ସାରା ଜାତି ଓ ଜନ୍ମଭୂମି ପାଇଁ ମାତ୍ର ୧୨ ବର୍ଷ ବୟସରେ ଜୀବନ ଉତ୍ସର୍ଗ କରି ଆଗାମୀ ପିଢି ନିମନ୍ତେ ସେ ପାଲଟି ଗଲେ ପ୍ରେରଣାର ଉତ୍ସ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ବରପୁତ୍ର ମାନେ ହେଉଛନ୍ତି ଆମର ଆଦର୍ଶ । ରାଜ୍ୟର ମହାପୁରୁଷ ଓ ମହାମନୀଷୀଙ୍କ ଜୟନ୍ତୀ କିମ୍ବା ବଳିଦାନ ଦିବସ ଭୁବନେଶ୍ୱର ନୁହେଁ, ତାଙ୍କ ଜନ୍ମମାଟିରେ ପାଳନ କରାଯିବ । ଯାହା ଆଜି ପାଳନ ହେଉଛି । ବାଜି ରାଉତଙ୍କ ଗାଁକୁ ବରପୁତ୍ର ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇ ଉନ୍ନତି କାର୍ଯ୍ୟ କରାଯାଉଛି । ବାଜି ରାଉତଙ୍କ ସ୍ମୃତିରେ ଢେଙ୍କାନାଳ ଠାରେ ୧୨୦ କୋଟି ଟଙ୍କା ବ୍ୟୟରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ ହୋଇଛି । ଯାହା ଯୁବ ପିଢିଙ୍କ କ୍ରୀଡା ପ୍ରତିଥିବା ଉଚ୍ଚ ଆଶାକୁ ଆହୁରି ଆଗକୁ ନେଇଯିବ । ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଦ୍ୱାରା ଜିଲ୍ଲାରେ କ୍ରୀଡା ଭିତିଭୂମି ଅର୍ଥାତ ଯୁବଶକ୍ତିର ଉତଥାନ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାଜିରାଉତଙ୍କ ଦାୟାଦ ଓ ପ୍ରଜାମଣ୍ଡଳ ଆନ୍ଦୋଳନର ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ପୁସ୍ତକ ’ଢେଙ୍କାନାଳ ଗଣସଂଗ୍ରାମର ଅମର ସହିଦ ବାଜି ରାଉତ ’ ଓ ବାଜିରାଉତଙ୍କ ଫଟୋ ଉନ୍ମୋଚନ କରିଥିଲେ ।

## ଜିଲ୍ଲାସ୍ତରୀୟ ଆଶାକର୍ମୀ ସଂଘର ବୈଠକ

କେନ୍ଦ୍ରାପଡା, ୦୬/୧୦ (ନି.ପ୍ର): ନିଖିଳ ଓଡିଶା ଆଶାକର୍ମୀ ସଂଘ (ଏଆଇଟିୟୁସି) କେନ୍ଦ୍ରାପଡା ଜିଲ୍ଲା କମିଟିର ଏକ ବୈଠକ ସଭାପତି ଭଜହରି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକେର ଏଆଇଟିୟୁସି ର ରାଜ୍ୟ ନେତା ରମଣୀ ରଂଜନ ରାଉତରାୟ, ଅକ୍ଷୟ କୁମାର ମଲିକ, ଆଶାକର୍ମୀ ସଂଘର ସଂପାଦିକା କାନ୍ତିପ୍ରଭା ନାୟକ, ବିକାଶ ଚନ୍ଦ୍ର ବେହୁରା, କୋଷାଧ୍ୟକ୍ଷ ନନ୍ଦିନୀ ସ୍ୱାଇଁ, ଭଗବତୀ ନାୟକ ପ୍ରମୁଖ ଉପସ୍ଥିତ ରହି ଆଶାକର୍ମୀ ମାନଙ୍କର ମଙ୍ଗଳର ପ୍ରଥମ ସପ୍ତାହେର ନିର୍ଣ୍ଣିତ ଭତା ୭ ହଜାର ସହିତ ଅନ୍ୟାନ୍ୟ ପ୍ରୋତ୍ସାହନ ରାଶି ପ୍ରଦାନ କରିବା, ପାରିଶ୍ରମ କୁ କାଟଛାଟ ନ କରିବା, ଆଶାକର୍ମୀ ମାନଙ୍କୁ ଉତମ ବ୍ୟବହାର ପ୍ରଦର୍ଶନ କରିବା, କାମ କରୁଥିବା ବେଳ ଆଶାକର୍ମୀ ର ମୃତ୍ୟୁ ଘଟିଲେ ତାଙ୍କ ପରିବାର କୁ ୫ ଲକ୍ଷଟଙ୍କା ସହାୟତା ରାଶି ସହିତ ଜଣକୁ ଚାକିରୀ ପ୍ରଦାନ କରିବା, ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା କୁ ଭିତି କରି ତୁରନ୍ତ ପ୍ରେମାଶନ ପ୍ରଦାନ କରିବା, ସେକ୍ଟର ମିଟିଂରେ ମିଳୁଥିବା ପାରିଶ୍ରମ କୁ ବୃଦ୍ଧି କରାଯିବା ଆଦି ଦାବି ସଂପକର୍ରେ ଅଲୋଚନା କରା ଯାଇଥିଲା । ଏଥି ସହିତ ଆସନ୍ତା ୨୩ ତାରିଖ ଜିଲ୍ଲା କାର୍ଯ୍ୟାଳୟ ଆଗେର ବକ୍ଷୋଭ ପ୍ରଦଶର୍ନ କରିବାକୁ ନିଷ୍ପତି ନିଆଯାଇଛି । ଅାୟୋଜିତ ଏହି ବୈଠକେର ଅମ୍ବିକା ନାଥ, ସଂଯୁକ୍ତା ସାହୁ, କବିତା ସେଣ, ସଚଳା ସେଠୀ, ମେନାରମା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା, ଜମିଜମା, ମହାନଗର, ମାଟିଆପଡା ଆରଓବି, ସମସ୍ୟାକୁ ନେଇ ଘମାଘୋଟ ଆନ୍ଦୋଳନ କରାଯିବ : କଂଗ୍ରେସ ଜିଲ୍ଲା ସଭାପତି

ପୁରୀ, ୦୬/୧୦ (ନି.ପ୍ର): ପୁରୀ ଜିଲ୍ଲା କଂଗ୍ରେସର ନୂଆ ସଭାପତି ଭାବେ ଇଂଜିନିୟର ରାଜେଶ କୁମାର ମିଶ୍ର ମନୋନୀତ ହେବା ପରେ ରବିବାର ମଧ୍ୟାହ୍ନରେ ଇନ୍ଦିରା ଭବନ ଠାରେ ବନ୍ଧୁ ମିଳନ ଓ ସାମ୍ବାଦିକ ସମ୍ମିଳନୀରେ ବିସ୍ଫୋରକ ବୟାନ ଦେଇଛନ୍ତି । ଗତ ୨୫ ବର୍ଷ ଭିତରେ ପୁରୀ ଜିଲ୍ଲାରେ ବିକାଶ ସେତେ ଆଖି ଦୃଶିଆ ହୋଇନାହିଁ । ପୁରୀ ଜିଲ୍ଲା ବାସିନ୍ଦା ଶ୍ରୀମନ୍ଦିର ଚାରି ଦ୍ୱାରରେ ଦର୍ଶନ କରି ପାରୁନାହାନ୍ତି । ରତ୍ନଭଣ୍ଡାରର ରତ୍ନ ଗଣତି ମଣତି ଏବେ ବି ଭକ୍ତ ମାନଙ୍କ ପାଇଁ ରହସ୍ୟଘେରରେ ରହିଛି । ୫୬୭ ଖଣ୍ଡ ଏମାର ମଠ ରୂପା ଇଟା ସ୍ଥିତି କ’ଣ ଅଛି ଜନତା ଜାଣିପାରୁନାହାଁନ୍ତି । ଜଗନ୍ନାଥଙ୍କ ଜମି, ଲିଜ୍ ଜମି, ପୌର ଲିଜ ଜମି ସମସ୍ୟାରେ ଅଶି ହଜାର ପରିବାର ଛନ୍ଦି ହୋଇ ଅଛନ୍ତି । ପୁରୀ ସହର ସାହି ଗଳି କନ୍ଦି ସମସ୍ୟା ଉତ୍କୃଷ୍ଟ । ପୁରୀ ପୌର ନିର୍ବାଚନ ନକରି ଗଣତାନ୍ତ୍ରିକ ବ୍ୟବସ୍ଥାର କଣ୍ଠରୋଧ କରାଯାଇଛି । ମାଟିଆପଡା ରେଳ ଓଭର ବ୍ରିଜ, ସାକ୍ଷୀଗୋପାଳ ରେଳ ଓଭର ବ୍ରିଜ ନିର୍ମାଣକୁ ନେଇ ଆନ୍ଦୋଳନ କରାଯିବ । ଜାତୀୟ ସ୍ତରରେ ଆମ ଦଳର ଆଭିମୁଖ୍ୟ ଏବଂ କାର୍ଯ୍ୟପନ୍ଥା ବର୍ତମାନ ଭାରତ ବର୍ଷ ସମୟ ଅନୁରୂପୀ ବିକଶିତ ହେଲେ ମଧ୍ୟ ଶାସକ ଦଳର ଭୋଟ ରାଜନୀତି ଯୋଗୁ ସମସ୍ତ କ୍ଷେତ୍ରରେ ସଙ୍କଟଜନକ ସ୍ଥିତିରେ ପହଁଚିଛି । ଚିନ୍ତା ଜନକ ଭାବରେ ଦରଦାମ ବୃଦ୍ଧିକୁ ଅଣଦେଖା କରାଯାଉଛି । ବିରୋଧୀ ଦଳର କଣ୍ଠରୋଧ କରାଯାଉଛି । ଜିଏସଟି ଲାଗୁ କରି ସାଧାରଣ ଜନତାଙ୍କୁ ଲକ୍ଷ ଲକ୍ଷ କୋଟି ଲୁଟି ସାରିଲା ପରେ ବିହାର ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ବର୍ତମାନ ଜିଏସଟି ଦରରେ ପରିବର୍ତନ କରିଛନ୍ତି । ଧର୍ମ ଆଧାରରେ ଶାସନ ବ୍ୟବସ୍ଥାକୁ ପ୍ରତାରିତ କରି ମୂଳ ସମ୍ବିଧାନକୁ କୁଠାରଘାତ କରି ଦେଶକୁ ଏକ ବିପଦଜନକ ସ୍ଥିତିକୁ ନେଇ ଆସିଛନ୍ତି । ନିର୍ବାଚନ କମିସନଙ୍କୁ ହାତବାରିସୀ କରି ଭୋଟ ଚୋରି କରି ଅନୈତିକ ଭାବରେ ଶାସନ କ୍ଷମତାକୁ ଦଖଲ କରିବା ପାଇଁ ଅପଚେଷ୍ଟା କରାଯାଉଛି । ଶାସକ ଦଳର ସର୍ବୋଚ୍ଚ କେନ୍ଦ୍ରିୟ ନେତାଙ୍କ ମିଥ୍ୟା ପ୍ରତିଶୃତି ବଳରେ ରାଜ୍ୟ ଶାସନକୁ ତଥାକଥିତ ଡବଲ ଇଂଜିନ ସରକାର ବିଗତ ୧୩ ମାସର ଶାସନ କାଳ ମାଧ୍ୟମରେ ସମସ୍ତ କ୍ଷେତ୍ରରେ ବିଫଳ ହେଇଛନ୍ତି । ହାତଗୁଞ୍ଜା ଓ ସରକାରୀ ଅର୍ଥର ଅପବ୍ୟବହାର ନିୟନ୍ତ୍ରଣ ବାହାରେ ହେଇଯାଇଛି । ରାଜ୍ୟର ବିକାଶ ଦେଶର ଦୁଇଟି ବେସରକାରୀ ବ୍ୟବସାୟିକ ଅନୁଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ କରାଗତ ହୋଇଯାଇଛି । ସମସ୍ତ ଖଣି, ଖାଦାନ ଓ ବନ୍ଦର ସେଇମାନଙ୍କୁ ହସ୍ତାନ୍ତର କରିବା ପାଇଁ ନିରନ୍ତର ଉଦ୍ୟମ କରାଯାଉଛି । ବିଗତ ସରକାର ଠାରୁ ଚାଲି ଆସୁଥିବା ଶିକ୍ଷା କ୍ଷେତ୍ରରେ ଚରମ ବିଶୃଙ୍ଖଳା ଓ ଅସମାନତା ଏବଂ ସରକାରୀ ଚାକିରୀ ପାଇଁ ପରୀକ୍ଷା କ୍ଷେତ୍ରରେ ପ୍ରଶ୍ନପତ୍ର ବିଭ୍ରାଟ ଏବଂ ଲାଂଚ କାରବାର ଯୋଗ୍ୟ ଆଶାୟୀ ମାନଙ୍କୁ ନିରାଶ କରିଛି ।

## ଓଡିଶା ସିଭିଲ ସର୍ଭିସରେ ସଫଳ କୃତୀତ୍ୱଙ୍କୁ ସମ୍ବର୍ଦ୍ଧିତ କଲେ ବଲାଙ୍ଗୀର ବିଧାୟକ

ବଲାଙ୍ଗିର, ୦୬/୧୦ (ନି.ପ୍ର): ଚଳିତବର୍ଷ ଓଡିଶା ସିଭିଲସର୍ଭିସ ପରୀକ୍ଷାରେ ବଲାଙ୍ଗୀର ଜିଲ୍ଲାରୁ ଅନେକ ଯୁବକ/ଯୁବତୀ ସଫଳ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ବଲାଙ୍ଗୀର ନିର୍ବାଚନମଣ୍ଡଳି ଅଂଚଳରୁ କୃତିତ୍ୱଲାଭ କରିଥିବା ଯୁବକ/ଯୁବତୀଙ୍କୁ ଆଜି ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ଓ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ସମ୍ବର୍ଦ୍ଧିତ କରିଛନ୍ତି । ଆଜି ଶୈଳଶ୍ରୀ ପ୍ୟାଲେସଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ସଫଳ ସିଭିଲସର୍ଭେଣ୍ଟ ମାନଙ୍କୁ ଫୁଲତୋଡ଼ା ଓ ଉପଢୌକନ ଦେଇ ବିଧାୟକ ଶ୍ରୀ ସିଂଦେଓ ସମ୍ବର୍ଦ୍ଧିତ କରି ସେମାନଙ୍କର ଆଗାମୀ ଦିନରେ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସେମାନଙ୍କ ମଧରେ ସୁପ୍ରୀୟା ମିଶ୍ର, ଶିବମସ୍ୱରୂପ ମହାନ୍ତି, ରୋଶନ ପଟେଲ, ଅଟଳ ଦାସ, ଆଶୀଷ ସୁନା, ହେମରାଜ କୁମ୍ଭାର, କାହ୍ନା ବାରିକ ରହିଛନ୍ତି । ଚାକିରି ଜୀବନରେ ଲୋକଙ୍କ ସହିତ ଉତ୍ତମବ୍ୟବହାର ପ୍ରଦର୍ଶନ ସହ ସତ୍ୟ ଓ ନିଷ୍ଠାପଥରେ ପରିଚାଳିତ ହୋଇ ବଲାଙ୍ଗୀରର ଗୌରବ ବଢାଇବାକୁ ବିଧାୟକ ଏମାନଙ୍କୁ ପରାମର୍ଶ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଫିଂଟୁଛି ଏସଆଇ ପରୀକ୍ଷା...

ରାଜନେତାଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ପୁଲିସ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ ବଢ଼ିଲାଣି । କେବଳ ସେତିକି ନୁହେଁ, ଯେଉଁ ସବୁ ସଂସ୍ଥାରେ ପୂର୍ବରୁ କଳାଦାଗ ଲାଗିଛି, ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନା ପାଇଁ ସେହି ସବୁ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । କ୍ରାଇମବ୍ରାଞ୍ଚ ଏବେ ଏସବୁ ଦିଗକୁ ନେଇ ତନାଘନା କଲାଣି । ଅନ୍ୟପକ୍ଷରେ ଏହି ଘଟଣାରେ ପୁଲିସ ୧୧୪ ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲଙ୍କୁ ଗିରଫ କରିଥିବା ବେଳେ ରାକେଟ୍ ପଛର ମାଷ୍ଟରମାଇଣ୍ଡ ଏବେ ବି ଫେରାର ଅଛନ୍ତି । କ୍ରାଇମବ୍ରାଞ୍ଚ ଟିମ୍ ସିଲିକନ୍ ଟେକ୍ ଲ୍ୟାବ୍‌ର ମାଲିକଙ୍କ ସମେତ ୫ରୁ ଅଧିକଙ୍କୁ ମାରାଥନ ଜେରା କରି ଅନେକ ତଥ୍ୟ ହାତେଇଛି । ସେହିପରି ଭୁବନେଶ୍ୱର ଓ ବ୍ରହ୍ମପୁରସ୍ଥିତ ପଞ୍ଚସଫ୍ଟ ଏବଂ ଅନ୍ୟ ୩ଟି ଅଫିସରେ ଚଢ଼ଉ କରି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିବା ସହ ଅଫିସ୍‌କୁ ସିଲ୍ କରିଛି । ପୁଲିସ ଏସ୍ ?ଆଇ ପରୀକ୍ଷା ମହାଦୁର୍ନୀତିର ଗୁମର ଖୋଲିବା ଆରମ୍ଭ କରିଛି । କ୍ରାଇମବ୍ରାଞ୍ଚ ଡିଏସ୍‌ପି ରନ୍‌ପ୍ରଭା ଶତପଥୀଙ୍କୁ ମିଳିଲା ଏସଆଇ ପରୀକ୍ଷାର ତଦନ୍ତ ଦାୟିତ୍ୱ । ଗୋଲନ୍ଥରା ଥାନାରେ ରୁଜୁ ହୋଇଥିବା ସମସ୍ତ ମାମଲାର ସେ ତଦନ୍ତ କରିବେ । ସୁପରଭାଇଜିଂ ଅଫିସର ଭାବେ ରହିଛନ୍ତି କ୍ରାଇମବ୍ରାଞ୍ଚ ଏସ୍‌ପି ଅନୀଲ ବେଉରିଆ ।

### କଟକ ସହରରେ...

ଆଉ ଯେଉଁମାନେ ଘରୁ ବାହାରୁଛନ୍ତି ସେମାନଙ୍କୁ ପ୍ରଶ୍ନବାଣର ସମ୍ମୁଖୀନ ହେବାକୁ ପଡୁଛି । ୧୩ ଥାନା ଅଞ୍ଚଳରେ କର୍ଫ୍ୟୁ ବଳବତ୍ତର ରହିଛି । ଇଣ୍ଟରନେଟ୍ ସେବା ବି ବନ୍ଦ ରହିଛି । ସୁରକ୍ଷା ବଳୟରେ ପୁରା ସିଲ୍‌ଭର ସିଟି । କଟକରେ ୬୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି । ୬ କମ୍ପାନି କେନ୍ଦ୍ରୀୟ ସୁରକ୍ଷାବଳ ବି କଟକକୁ ଜଗିଛନ୍ତି । ସହରରେ ଚେକିଂ, ବ୍ଲକିଂ ଓ ପାଟ୍ରୋଲିଂକୁ ଜୋରଦାର କରାଯାଇଛି ।

### ବାଜିଲା ନୂଆପଡ଼ା...

ମୋହନଙ୍କ ବିଗ୍ ଶୋକୁ କାଉଣ୍ଟର କରି ଆଜି ନୂଆପଡାରେ କୋମନା ଠାରୁ ଖରିଆର ରୋଡ ଯାଏଁ ନ୍ୟାୟ ସମାବେଶ ଯାତ୍ରା କରିଛି କଂଗ୍ରେସ। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ପ୍ରଭାବ ପଡିବ ନାହିଁ ବୋଲି କଂଗ୍ରେସ କହିଥିବା ବେଳେ ବିଜେଡି କହିଛି, ନୂଆପଡା ତାଙ୍କର ଥିଲା ଆଉ ରହିବ।

### ନେତାନ୍ୟାହୁଙ୍କ ଉପରେ...

ତାଙ୍କୁ ସମାଲୋଚନା କରିଥିଲେ । ଏଥିସହ ଟ୍ରମ୍ପ କହିଥିଲେ, ମୁଁ ଜାଣିନି ତୁମେ ସବୁବେଳେ ଏତେ ନକାରାତ୍ମକ କାହିଁକି । ଏହା ଏକ ବିଜୟ । ଏହାକୁ ଗ୍ରହଣ କର । ଟ୍ରମ୍ପ ଚିନ୍ତିତ ଥିଲେ ଯେ ହାମାସ ତାଙ୍କ ପ୍ରସ୍ତାବକୁ ହମାସ ପ୍ରତ୍ୟାଖ୍ୟାନ କରିବ । କିନ୍ତୁ ହମାସ ଏହାକୁ ଗ୍ରହଣ କରିଥିଲା । ତେଣୁ ଖୁସି ଖବର ଟମ୍ପ ଜଣାଇବା ପରେ ଇସ୍ରାଏଲର ପ୍ରଧାନମନ୍ତ୍ରୀଙ୍କ ମନ୍ଦ ପ୍ରତିକ୍ରିୟା ଟ୍ରମ୍ପଙ୍କ ଉତ୍ତେଜିତ କରିଥିଲା । ସେପଟେ ଯୁଦ୍ଧ ବିରତି ପ୍ରସ୍ତାବ ଉପରେ ଆଲୋଚନା ପାଇଁ ହାମାସ, ଇସ୍ରାଏଲ ଏବଂ ଯୁକ୍ତରାଷ୍ଟ୍ରର ପ୍ରତିନିଧିମଣ୍ଡଳୀ ସୋମବାର ମିଶରରେ ଆଲୋଚନା ପାଇଁ ଏକତ୍ରିତ ହେବାକୁ ଯାଉଛନ୍ତି । ଏହି ପ୍ରସ୍ତାବ ଉପରେ ଶୀଘ୍ର ନିଷ୍ପତ୍ତି ନେବାକୁ ଡୋନାଲ୍ଡ ଟ୍ରମ୍ପ ଆଲୋଚକମାନଙ୍କୁ ଆହ୍ୱାନ ଦେଇଛନ୍ତି । ଫଳରେ ଗାଜାରେ ପ୍ରାୟ ଦୁଇ ବର୍ଷର ଯୁଦ୍ଧ ଶେଷ ହେବ ଏବଂ ଗାଜାରେ ବନ୍ଦୀ ଥିବା ଇସ୍ରାଏଲ ଲୋକଙ୍କୁ ମୁକ୍ତ କରାଯିବ ଏବଂ ଇସ୍ରାଏଲୀ ଜେଲରେ ଥିବା ପାଲେଷ୍ଟାଇନୀୟମାନଙ୍କ ସହ ବିନିମୟ କରାଯିବ ।

### ପ୍ରଧାନ ବିଚାରପତିଙ୍କୁ ଆକ୍ରମଣ...

ସହେଗା ହିନ୍ଦୁସ୍ତାନ' ବୋଲି କହୁଥିବା କିଛି ଓକିଲ ଶୁଣିଥିବା କହିଛନ୍ତି । ଏହା ସତ୍ତ୍ୱେ ପ୍ରଧାନ ବିଚାରପତି ଜଷ୍ଟିସ୍ ଗବାଇ ବିଚଳିତ ନହୋଇ ନିଜେ କାର୍ଯ୍ୟ ଜାରି ରଖିବା ସହିତ ଓକିଲଙ୍କୁ କାମ ଜାରି ରଖିବାକୁ କହିଥିଲେ । 'ଆମେ ଏଥିରେ ବିଚଳିତ ହେଉନାହୁଁ' ବୋଲି କହିଥିଲେ । ପୂର୍ବରୁ ଏକ ମାମଲାରେ ଜଷ୍ଟିସ ଗବାଇଙ୍କ ମନ୍ତବ୍ୟକୁ ନେଇ ଆଜି ଏପରି ଘଟିଥିବା ମନେ କରାଯାଉଛି । ମଧ୍ୟପ୍ରଦେଶର ଖଜୁରାହୋରେ ଭଗବାନ ବିଷ୍ଣୁଙ୍କ ଏକ ଭଙ୍ଗା ମୂର୍ତ୍ତିର ପୁନଃନିର୍ମାଣ ପାଇଁ ହୋଇଥିବା ମାମଲାରେ ଜଷ୍ଟିସ୍ ଗବାଇ କହିଥିଲେ ଯେ, ତୁମ ଭଗବାନଙ୍କୁ କୁହ । ପରେ ସେ ସବୁ ଧର୍ମକୁ ସମ୍ମାନ ଦିଅନ୍ତି ବୋଲି ଜଷ୍ଟିସ ଗବାଇ ସ୍ପଷ୍ଟୀକରଣ ଦେଇଥିଲେ ବି ଏହି ଆକ୍ରମଣ ପଛରେ ଆକ୍ରୋଶ ରହିଛି ବୋଲି ଅନୁମାନ କରାଯାଉଛି ।

### କୁଆଡ଼େ ଗଲେ...

ଜେଲ ଅଧିକ୍ଷକ । ଚୌଦ୍ୱାର ଜେଲ୍‌ରୁ ଯଦି ସେଲ୍ କାଟି ଅପରାଧୀ ଚମ୍ପଟ ମାରିବାରେ ସଫଳ, ତାହେଲେ ଅନ୍ୟ ଜେଲର ଅବସ୍ଥା କ'ଣ ଥିବ ? କିଏ ଜାଣେ ଏବେ ଆଉ କେଉଁ କଏଦୀ, ପାଚେରି ଡେଇଁବା ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିବ ? ଏସବୁ ରୋକିବ କିଏ ? କ'ଣ କହୁଛି ଜେଲ୍ ମାନୁଆଲ୍ ଆଉ କ'ଣ କରୁଛନ୍ତି ଜେଲ୍ ମୁଖିଆ ?

### ସାଂସଦଙ୍କୁ ମରଣାନ୍ତକ...

ଷଡଯନ୍ତ୍ରର ଗନ୍ଧ ବାରିଛି ବିଜେପି । ବିଜେପି ନେତା ରାହୁଲ ସିହ୍ନା ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି । କେବଳ ଖଗେନ ମୁର୍ମୁ ନୁହନ୍ତି, ପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ପଶ୍ଚିମବଙ୍ଗ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଏବଂ ବିଜେପି ନେତାଙ୍କୁ ପଶ୍ଚିମବଙ୍ଗରେ ଆକ୍ରମଣ କରାଯାଇଛି । କିନ୍ତୁ କଡ଼ା କାର୍ଯ୍ୟାନୁଷ୍ଠାନ ଅଭାବରୁ ବାରମ୍ବାର ଏଭଳି ଘଟଣା ଘଟୁଛି ।

# ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣି ଅନୁଷ୍ଠିତ: ମୋଟ ୧୪୬ଗୋଟି ଅଭିଯୋଗର ହେଲା ଶୁଣାଣି



ବାରିପଦା, ୦୬/୧୦ (ନି.ପ୍ର): ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସୟ ଭା. ପ୍ର. ସେଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପଲ୍ଲୀ,ଭା.ପୋ.ସେ., ଆଇଏ.ଏସ. ପ୍ରୋବେଶନର କାଶିଷ ବକ୍ସି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା,ଏ.ଡି.ଏମ.ଓ. ଡାକ୍ତର ବିଜୟ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୧୪୬ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୧୪୬ଗୋଟି ଅଭିଯୋଗ ମଧ୍ୟରୁ ୧୩୨ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୧୪ଗୋଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୧୦ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗ ର ଗୁରୁତ୍ୱ କୁ ବିଚାର କରି ଜିଲ୍ଲାପାଳ ୫ଜଣ ଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫,୦୦୦/-ଟଙ୍କା ଏବଂ ଜଣଙ୍କୁ ରେଡ କ୍ରସ ପାଣ୍ଠି ରୁ ୧୦,୦୦୦/-ଟଙ୍କା ମଂଜୁର କରିଛନ୍ତି। ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ।

## ନନ୍ଦପୁରରେ ମିଳିତ ଅଭିଯୋଗ ଶୁଣାଣୀ ଶିବିର

କୋରାପୁଟ , ୬ ଅକ୍ଟୋବର (ହି.ସ.)କୋରାପୁଟ ଜିଲ୍ଲା ନନ୍ଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ସହୀଦ ଲକ୍ଷ୍ମଣ ନାୟକ ସଭାଗୃହରେ ମିଳିତ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, କୋରାପୁଟ ଏସପି ରୋହିତ ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଉପଖଣ୍ଡ ଆରକ୍ଷୀ ନିରୀକ୍ଷକ ଦେବେନ୍ଦ୍ର ମଲ୍ଲିକ, ତହସିଲଦାର ଦେବବ୍ରତ ମହାରଣା ପ୍ରମୁଖ ଯୋଗଦେଇ ୩୯ ଟି ଅଭିଯୋଗ ଶୁଣିଥିଲେ।୧୯ ଟି ବ୍ୟକ୍ତିଗତ ଏବଂ ୨୦ ଟି ଗୋଷ୍ଠିଗତ ଅଭିଯୋଗ ଶୁଣିଥିଲେ ।ଏହି ଅବସର ନନ୍ଦପୁର ବ୍ଲକର ସାମାଜିକ କର୍ମୀ ଆକାଶ ଖିଲ ସୀମାନ୍ତ ପାନ୍ଥଲୁଙ୍ଗ ଗ୍ରାମ ପଞ୍ଚାୟତର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଲିଖିତ ଭାବେ ଜଣାଇଥିଲେ।

# ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭୋଟ ଚୋର-ଗାଦି ଛୋଡକୁ ନେଇ ଦସ୍ତଖତ ଅଭିଯାନର ଶୁଭାରମ୍ଭ



ଭଦ୍ରକ, ୦୬/୧୦ (ନି.ପ୍ର): ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଶ୍ରୀ ନଳିନୀ କାନ୍ତ ମହାନ୍ତିଙ୍କ ଅଧକ୍ଷତାରେ ଭୋଟ ଚୋରୀ ପ୍ରତିବାଦରେ ଭଦ୍ରକ ଜିଲ୍ଲା ରେ ଦସ୍ତଖତ ଅଭିଯାନର ଶୁଭାରମ୍ଭ ହୋଇଯାଇଛି । ଏଥି ନେଇ ଆୟୋଜିତ ଜିଲ୍ଲା ସ୍ତରୀୟ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି,ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା,ଜିଲ୍ଲା ମହିଳା କଂଗ୍ରେସ ସଭାପତି ସବିତା ଚନ୍ଦ, ଟାଉନ ସଭାପତି ଅବଦୁଲ ମୋକିତ ଖାଁ, ପ୍ରକାଶ ଜ୍ୟୋତି ମହାକୁଡ଼,ପିସିସି ଦଳିତ ସେଲ ର ସମ୍ପାଦକ ରଞ୍ଜନ ଜେନା, ଜିଲ୍ଲା ଦଳିତ ସେଲ ସଭାପତି ବିଦ୍ୟାଧର ଜେନା ପ୍ରମୁଖ ଯୋଗଦେଇଥିଲେ । ସର୍ବଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ କେନ୍ଦ୍ରରେ ଚାଲୁଥିବା ବିଜେପି ସରକାର କିପରି ଭୋଟ ଚୋରି କରି କ୍ଷମତାସିନ ହୋଇପାରିଛି ତାର ପ୍ରତିବାଦରେ ହେବାକୁ ଥିବା ଦସ୍ତଖତ ଅଭିଯାନକୁ ଦଳୀୟ କର୍ମୀ,ସାଧାରଣ ଭୋଟର, ସଚେତନ ନାଗରିକ ଏବଂ ସବୁ ବର୍ଗର ଲୋକଙ୍କ ପାଖରେ ପହଂଚି ସେମାନଙ୍କୁ ଭୋଟ ଚୁରି ହେଉଥିବା ସମ୍ପର୍କରେ ସଚେତନ କରାଇ ଦସ୍ତଖତ ଅଭିଯାନକୁ ସଫଳ କରିବାକୁ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ବକ୍ତବ୍ୟ ଦେଇଥିଲେ । ଭୋଟ ଚୋର-ଗାଦି ଛୋଡ ନେଇ ହେବାକୁ ଥିବା ଦସ୍ତଖତ ଅଭିଯାନ ପାଇଁ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ରାଜ୍ୟ ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନାଙ୍କୁ ସଂଯୋଜକ ଭାବେ ନିଯୁକ୍ତି କରାଗଲା ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଜିଲ୍ଲା ସ୍ତରୀୟ କର୍ମୀ ସମାବେଶ ଘୋଷଣା କରିଥିଲେ । ପରେ ଜିଲ୍ଲା ସଭାପତି ଶ୍ରୀ ମହାନ୍ତିଙ୍କ ସମେତ ଦଳୀୟ ନେତାମାନେ ଦସ୍ତଖତ ଫର୍ମକୁ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକ ବ୍ଲକ ସଭାପତି ପୀତବାସ ଧଳ, ଧାମନଗର ବ୍ଲକ ସଭାପତି ରମେଶ ଚନ୍ଦ୍ର ବେହେରା, ଭଣ୍ଡାରିପୋଖରୀ ବ୍ଲକ ସଭାପତି ରଜନୀକାନ୍ତ ଚନ୍ଦ, ଆରଜିପିଆରଏସ ର ନେତା ପଦ୍ୟୁମ୍ନ ଦାସ, ଯୁବ ନେତା ବଳରାମ ରାଉତ, ଚାନ୍ଦବାଲି ଟାଉନ ସଭାପତି ବଦ୍ରି ନାୟକ, ଧାମନଗର ଟାଉନ ସଭାପତି ମାନସ ରଞ୍ଜନ ବେହେରା, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସାଦ ସିଦ୍ଧିକ, ଧାମନଗର ନିର୍ବାଚନ ମଣ୍ଡଳୀ ସଭାପତି ଆଲୋକ ସ୍ୱାଇଁ, ଭଦ୍ରକ ବ୍ଲକ ନିର୍ବାଚନ ମଣ୍ଡଳୀ ସଭାପତି ଇଲିଆସ ଖାଁ, ରାଉତ,ସୁଶାନ୍ତ ବାରିକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଯୁବ ନେତା ବିଜୟ ବାରିକ, ରାଜକିଶୋର ପଣ୍ଡା, ମନୋଜ ମଲ୍ଲିକ ପରିଚାଳନା କରିଥିଲେ।

## ପାଟଣାରେ କାଠ ଡିପୋ ପାଇଁ ଦାବି

କେନ୍ଦୁଝର, ୦୬/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ମୁଖ୍ୟାଳୟ ପାଟଣା ଜିଲ୍ଲାରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପାଟଣା ନିକଟରେ ପ୍ରବାହିତ ହେଉଛି ପୁଣ୍ୟତ୍ୱୟା ବୈତରଣୀ ନଦୀ।ଏଠାରେ ଥିବା ପବିତ୍ର ବୈତରଣୀ ତୀର୍ଥ ଏ ଅଞ୍ଚଳ ପାଇଁ ଅନେକ ସୁନାମ ରହିଛି। ଏହାର ତଟରେ ଦୁଇଟି ପ୍ରସିଦ୍ଧ ମନ୍ଦିର ରହିଛିଛି। ତେଣୁ ଏ ଅଞ୍ଚଳ କୁ ଅନେକ ପବିତ୍ର ସ୍ଥାନ ମନେକରି ଜିଲ୍ଲା ତଥା ଜିଲ୍ଲା ବାହାରୁ ଏପରିକି ପଡୋଶୀ ରାଜ୍ୟରୁ ମଧ୍ୟ ପବିତ୍ର ବୁଡ଼ ପକାଇବା ପାଇଁ ଆସିଥାନ୍ତି। ଏହା ଛଡ଼ା ଏଠାରେ ଥିବା ଶ୍ମଶାନ ଘାଟରେ ଶେଷ କୃତ୍ୟ କଲେ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ତେଣୁ ପ୍ରତିଦିନ ଏଠାକୁ ଜିଲ୍ଲା ଓ ଜିଲ୍ଲା ବାହାରୁରୁ ମର ଶରୀର ନେଇ ଅନ୍ତିମ ସଂସ୍କାର କରିବା ପାଇଁ ଅନେକ ପରିବାର ଆସିଥାନ୍ତି। କିନ୍ତୁ ଦୁଃଖର କଥା ଅନ୍ତିମ ସଂସ୍କ ସଂସ୍କାର ପାଇଁ ଆବଶ୍ୟକ ହେଉଥିବା କାଠ ଏଠାରେ ମିଳି ପାରେ ନାହିଁ।

# ଧାମନଗର ଅଂଚଳରେ ଜବର ଦଖଲ ଯୋଗୁଁ ଟ୍ରାଫିକ ସେବା ବିପର୍ଯ୍ୟସ୍ତ

ଭଦ୍ରକ, ୦୬/୧୦ (ନି.ପ୍ର): ଏହି ଜିଲାର ଧାମନଗର ଅଂଚଳ ରେ ଏବେ ଦିନକୁ ଦିନ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି । ତେବେ ରାସ୍ତା ର ଦୁଇ ପାଖରେ ଦୋକାନୀ ମାନେ ଜବର ଦଖଲ କରି ରଖୁ ଥିବାରୁ ଏହି ସମସ୍ୟା ଦେଖିବାକୁ ମିଳିଛି ଫଳରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡୁଛି । ଗୋଟିଏ ପଟରେ ଜନ ସଂଖ୍ୟା ବୃଦ୍ଧି ଏବଂ ଗାଡି ମୋଟର କୁ ନେଇ ଅଂଚଳ ବାସୀ ଅଣନିଶ୍ୱାସୀ ହୋଇ ପଡୁଥିବା ବେଳେ ଟ୍ରାଫିକ ବ୍ୟବସ୍ଥା ସହରବାସୀଙ୍କ ଚିନ୍ତା ବଢ଼ାଇଛି । ସବୁଠାରୁ ବଡ କଥା ହେଲା ଧାମନଗର ବଜାର ର ଖାନକା ସରିଫ ବଜାର ଠାରୁ ଦକ୍ଷିଣବାଡ ହନୁମାନ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଖ ରେ କେତେକ ସ୍ଥାନ ରେ ବେଆଇନି ଭାବରେ ଦୋକାନ କରିବା ସହ ଦୋକାନ ଆଗକ ପାର୍କିଂ କରୁଥିବାରୁ ଯାତାୟାତ ରେ ବ୍ୟାଘାତ ହେଉଛି। ପର୍ବ ପର୍ବାଣୀ ରେ ଏପରି ଭିଡ ହେଉଛିଯେ ଅଗ୍ନିଶମ ଗାଡି ଛିଡ଼ା ହୋଇ ରହୁଛି। ଓ ଆମ୍ବୁଲାନ୍ସ ଗାଡି ଦୀର୍ଘ ସମୟ ଛିଡା ହୋଇ ରହୁଛି।

# ଏନଏସି ଦାବିରେ ୨୨ଦିନରେ ଖଇରା ସ୍ୱାଭିମାନ ମଞ୍ଚର ଧାରଣା




ଖଇରା, ୦୬/୧୦ (ନି.ପ୍ର): ବାଲେଶ୍ୱର ଜିଲାର ଅନ୍ୟତମ ପ୍ରମୁଖ ସହର ଖଇରା ଏନଏସି ତାଲିକାରୁ ବାଦ ପଡିବା କୁ ନେଇ ୧ମାସରୁ ଉର୍ଦ୍ଧ ସମୟ ଧରି ପ୍ରତିବାଦ ଜାରି ରହିଛି । ପ୍ରଥମେ ସ୍ୱାଭିମାନ ମଞ୍ଚ ପକ୍ଷରୁ ଓ ପରେ ବିଜେଡି ପକ୍ଷରୁ ଖଇରା ବନ୍ଦ ପରେ ଏବେ ଗତ ସେପ୍ଟେମ୍ବର ୧୫ତାରିଖ ଠାରୁ ଖଇରା ବ୍ଲକ ସମ୍ମୁଖରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ଆରମ୍ଭ ହୋଇଥିବା ଗଣ ଧାରଣା ଅଦ୍ୟାବଧି ଜାରି ରହିଛି । ପ୍ରତ୍ୟେକ ଦିନ ଏହି ଗଣଧାରଣା ସମ୍ପର୍କରେ ବିଡିଓଙ୍କ ଜରିଆରେ ବ୍ଲକ,ଜିଲା ପ୍ରଶାସନ ତଥା ନଗର ଉନ୍ନୟନ ମନ୍ତ୍ରୀ ଙ୍କୁ ଅବଗତ କରାଯାଉଛି । ତେବେ ବ୍ଲକ ଓ ଜିଲା ପ୍ରଶାସନର ସ୍ଥାଣୁତାକୁ ନେଇ ମଞ୍ଚର ସଦସ୍ୟ ମାନେ ପ୍ରଶ୍ନ ଉଠାଇଛନ୍ତି । ସାଧାରଣ ଲୋକଙ୍କ ଟିକସ ଅର୍ଥରୁ ଦରମା ନେଉଥିବା ଏହି ସରକାରୀ ବାବୁ ମାନେ ୨୨ଦିନ ମଧ୍ୟରେ ଘଣ୍ଟାଏ କି ଓଳିଏ ଧାରଣାସ୍ଥଳକୁ ନଯିବା ବା ଆଲୋଚନା ନକରିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଲୋକ ମାନେ ଯେଉଁ ଆଶା ଭରସା ନେଇ ଏହି ସରକାରକୁ ଜିତାଇ ଥିଲେ ସେ ଆଶା ଧୁଳିସାତ ହୋଇ ଯାଇଛି ବୋଲି ସୋମବାର ଧାରଣାରେ ଯୋଗ ଦେଇଥିବା ମଞ୍ଚର ସଦସ୍ୟ ମାନେ ସରକାରଙ୍କୁ ସମାଲୋଚନା କରିବା ଅବସରରେ ପ୍ରକାଶ କରିଛନ୍ତି । ସେହିଭଳି ବିଧାୟକଙ୍କୁ କୁପରାମର୍ଶ ଦେଉଥିବା କିଛି ସ୍ଥାନୀୟ ନେତାଙ୍କୁ ପରବର୍ତ୍ତୀ ପିଢୀ କେବେ କ୍ଷମା ଦେବେ ନାହିଁ ବୋଲି ଅନ୍ୟ କିଛି ସଦସ୍ୟ କହିଥିଲେ । ସୋମବାର ର ଗଣଧାରଣାରେ ମାନସ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଖଇରାକୁ ଏନଏସି ଘୋଷଣା ନହେବା ଯାଏ ଗଣଧାରଣା ଚାଲୁ ରହିବ ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ। । ରାଜ୍ୟ ସରକାର ୩ ପର୍ଯ୍ୟାୟରେ ୩୦ଟି ସହରକୁ ଏନଏସି ମାନ୍ୟତା ପ୍ରଦାନ କରିଥିବା ବେଳେ ସବୁ ପ୍ରକାର ଭିତ୍ତିଭୂମି ଥାଇ ଖଇରା ବାଦ ପଡିବାକୁ ନେଇ ଖଇରାର ସମସ୍ତ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ସ୍ୱାଭିମାନ ମଞ୍ଚ ବ୍ୟାନରେ ଗଣଧାରଣାରେ ବସି ତୁରନ୍ତ ଏନଏସି ଘୋଷଣା କରିବାକୁ ଦାବି କରାଯାଇଛି ।

# ତାଳପତ୍ରପୋଥି ସଂରକ୍ଷଣ ଏକ ରାଷ୍ଟ୍ରୀୟ କର୍ତ୍ତବ୍ୟ




ଭଦ୍ରକ, ୦୬/୧୦ (ନି.ପ୍ର): ସରସ୍ୱତୀ ପାଣ୍ଡୁଲିପି ସଂରକ୍ଷଣ କେନ୍ଦ୍ର ଓ ଭାରତସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଆନୁକୂଲ୍ୟରେ ଓଡ଼ିଶା ବ୍ରାହ୍ମଣ ମହାସଂଘ ସହଯୋଗରେ ସରସ୍ୱତୀ ବିହାର ଠାରେ ଏକ ପୋଥି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ଯାଜପୁର ଜିଲ୍ଲାର ଦ୍ୱିଶତାଧିକ ପୋଥି ସଂରକ୍ଷକମାନେ ଯୋଗଦେଇ ତାଳପତ୍ର ପୋଥି ଓ ପାଣ୍ଡୁଲିପିର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ସରସ୍ୱତୀ ବିହାର ଅଧ୍ୟକ୍ଷ ଡ଼. ସଦାନନ୍ଦ ଦୀକ୍ଷିତ ସ୍ୱାଗତ ଭାଷଣ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତର ଜ୍ଞାନଭଣ୍ଡାର ପୋଥି ଓ ପାଣ୍ଡୁଲିପିର ସଂରକ୍ଷଣ ପାଇଁ ଜ୍ଞାନଭାରତ ମିଶନ୍ ଗତ ୧୨ ତାରିଖରେ ପ୍ରାରମ୍ଭ କରିଥିବା ବିଷୟ ଉଲ୍ଲେଖ କରିଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଯଶସ୍ୱୀ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଉଦ୍‌ଘାଟକ ଭାବେ ଯୋଗ ଦେଇ ଭାରତର ବିଶାଳ ଜ୍ଞାନ ପରଂପରା ଉପରେ ଆଲୋକପାତ କରିଥିଲେ ଏବଂ ବିଶେଷତଃ ବ୍ରହ୍ମଣମାନେ ଏହି ପୋଥି ମାଧ୍ୟମରେ ହଜାର ହଜାର ବର୍ଷ ଧରି ଜ୍ଞାନବିଜ୍ଞାନକୁ ସୁରକ୍ଷିତ ରଖିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ପୁରାତତ୍ତ୍ୱବିତ୍ ପ୍ରଫେସର ଭାଗବତ ତ୍ରିପାଠୀ ଅନେକ ଦୁର୍ଲଭ ପୋଥିର ପାଠୋଦ୍ଧାର କରାଯାଇ ବିସ୍ମୟକର ବୈଜ୍ଞାନିକ ତଥ୍ୟ ଲୋକଲୋଚନକୁ ଅଣାଯାଇଥିବାର ଦୃଷ୍ଟାନ୍ତ ପ୍ରଦାନ କରିଥିଲେ । ଯାଜପୁରର ପଣ୍ଡିତ ବିଜୟ କୁମାର କର ଓ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର , କେନ୍ଦୁଝରୁ ପଣ୍ଡିତ ମଧୁସୂଦନ ମିଶ୍ର ଓ ଶ୍ରୀ ଶରତ ଚନ୍ଦ୍ର ମିଶ୍ର, ବାଲେଶ୍ୱରରୁ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଓ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ, କେନ୍ଦ୍ରପଡ଼ାରୁ ଶ୍ରୀ ଭକ୍ତ ବନ୍ଧୁ ମିଶ୍ର ଓ ପଣ୍ଡିତ ମହେଶ୍ୱର ନନ୍ଦ, ଭଦ୍ରକରୁ ଶ୍ରୀ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ଓ ବିଭୂତି ନାରାୟଣ ସେନାପତି ପ୍ରମୁଖ ତାଳପତ୍ର ପୋଥିର ସଂରକ୍ଷଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଜଳସଂସାଧନ ବିଭାଗର ସର୍ବୋଚ୍ଚଯନ୍ତ୍ରୀ ଇଂ ସୁବ୍ରତ ଦାଶ ଇତିହାସର କଳଙ୍କିତ ଅଧ୍ୟାୟ ସ୍ମରଣ କରି ଆମ ଜ୍ଞାନ ପରଂପରାକୁ ନୀତିନିଷ୍ଠ ଭାବରେ ସୁରକ୍ଷିତ ରଖିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ । ଓଡ଼ିଶା ବ୍ରାହ୍ମଣ ମହାସଂଘର ଭଦ୍ରକ ସଭାପତି ଶ୍ରୀ ମନ୍ଦରଧର ଦୀକ୍ଷିତ ସଭାପତିତ୍ୱ ଅଭିଭାଷଣରେ ତାଳପତ୍ର ପୋଥିକୁ ସଂରକ୍ଷିତ କରିବା ଦିଗରେ ଅବହେଳା ନକରିବା ଏବଂ ସୁରକ୍ଷିତ ନହେଲେ ସରସ୍ୱତୀ ବିହାର ପୋଥି ସଂରକ୍ଷଣ କେନ୍ଦ୍ରକୁ ଦାନ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଭଦ୍ରକ ମାଟିର ଗୌରବ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କୁ ଦିବ୍ୟ ଉପଢ୍ୌକନ ତଥା ବିଶିଷ୍ଟ ଅବଦାନ ପାଇଁଡ଼.ନିତ୍ୟାନନ୍ଦ ମିଶ୍ରଙ୍କୁମାନ ଫଳକ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା ଓଡ଼ିଶାର ସୁନାମଧନ୍ୟ ଶଲ୍ୟ ଚିକିତ୍ସା ବିଶାରଦ ତଥା ପୋଥି ସଂରକ୍ଷକ ଡ଼ାକ୍ତର ବିଷ୍ଣୁ ଚରଣ ମିଶ୍ରଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପଣ୍ଡିତ ସୁରେନ୍ଦ୍ର ନାଥ ପଣ୍ଡା ଆଠ ଖଣ୍ଡ ଦୁର୍ଲଭ ପୋଥି ସରସ୍ୱତୀ କେନ୍ଦ୍ରକୁ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ତ୍ରୈମାସିକ ପତ୍ରିକା "ବ୍ରହ୍ମ ସନ୍ଦେଶ" ଲୋକାର୍ପିତ ହୋଇଥିଲା । ସଂପାଦକ ଡ଼. ବସନ୍ତ କୁମାର ଦୀକ୍ଷିତ ସ୍ୱାଗତ କରିଥିଲେ ଏବଂ ମଦନ ମୋହନ ପାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ବାସୁଦେବପୁର ନଗରରେ ସେବା ସପ୍ତାହରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାସୁଦେବପୁର, ୦୬/୧୦ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ବାସୁଦେବପୁର ନଗର ପକ୍ଷ ରୁ ସେବା ସପ୍ତାହ ପାଇଁ ପ୍ରସନ୍ନ ଦେବ ବସତି ରେ ଶ୍ରୀ ଶ୍ରୀ ପ୍ରସନ୍ନ ଦେବ ମନ୍ଦିର ପରିସର ରେ ସେବା ସପ୍ତାହ ରେ ସଫେଇ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି। ନଗର କାର୍ଯ୍ୟ ବାହ ରଶ୍ମୀ ରଞ୍ଜନ ପଲାଇଙ୍କ ସହ ନଗର କାର୍ଯ୍ୟ କ୍ରମ ସଂଯୋଜକ ଶ୍ରୀତମ ସାହୁ, ବ୍ରହ୍ମାନନ୍ଦ ବେହେରା ଉପସ୍ଥିତ ରହି ଥିଲେ। ପ୍ରସନ୍ନ ଦେବ ବସତି ରେ ମୁଖ୍ୟ ଶିକ୍ଷକ ନିତାଇ ନନ୍ଦ ସାହୁ, ସଂଯୋଜକ ପ୍ରତାପ କୁମାର ପାଢ଼ୀ, ଶାରିରୀକ ପ୍ରମୁଖ ପୁରୁଷୋତ୍ତମ ବେହେରା ଓ ସ୍ୱୟଂ ସେବକ ଭାଇ ମାନେ ଉପସ୍ଥିତ ରହି ସଫେଇ କାର୍ଯ୍ୟ ମନ୍ଦିର ପରିସର ଓ ବାହାର ରେ ସଫେଇ କରିଥିଲେ। ସେହିପରି ମା ମଙ୍ଗଳା ବସତି ବାସୁଦେବପୁର ନଗର ରେ ଯାଦବ ପଡିଆ ରେ ମନ୍ଦିର ପରିସର ରେ ମଧ ସଫେଇ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ର ନାରାୟଣ ମହାକୁଡ ଙ୍କ ସହ ସ୍ୱୟଂ ସେବକ ଭାଇ ମାନେ ଉପସ୍ଥିତ ରହି ମନ୍ଦିର ପରିସର ରେ ସଫେଇ କାର୍ଯ୍ୟ କରିଥିଲେ ।ସେବା ସପ୍ତାହ କାର୍ଯ୍ୟ କ୍ରମ ବିଭିନ୍ନ ସ୍ଥାନ ରେ ବିଭିନ୍ନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହେବକୁ ଥିବା ବେଳେ ନଅ ତାରିଖ ରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

ମଙ୍ଗଳବାର, ଅକ୍ଟୋବର ୦୭, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସାହିତ୍ୟ ପତ୍ରିକା 'ମୁହାଁଣ'ର ତାଳଧ୍ୱଜ ସମ୍ମାନ ସମାରୋହ




କେନ୍ଦ୍ରାପଡ଼ା , ୦୬/୧୦ (ନି.ପ୍ର): ପ୍ରଗତିଶୀଳ ସାହିତ୍ୟ ପତ୍ରିକା 'ମୁହାଁଣ' ପକ୍ଷରୁ ଶାରଦୀୟ କବିତା ପାଠୋତ୍ସବ ଏବଂ ସମ୍ବର୍ଦ୍ଧନାପର୍ବ ଗୁଲନଗର ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁହାଁଣର ସମ୍ପାଦକ କବି ପ୍ରେମାନନ୍ଦ ଖଣ୍ଡୁଆଳଙ୍କ ଆବାହକତ୍ୱ ଏହି ସଭାରେ କବି ରମେଶ ପତି ପୌରହିତ୍ୟ କରିଥିବାବେଳେ ପ୍ରଫେସର ନନ୍ଦକିଶୋର ପରିଡ଼ା ମୁଖ୍ୟଅତିଥି, କବି ଡ. ଶ୍ରୀଧର ସାମଲ ମୁଖ୍ୟବକ୍ତା, କବି ବୃନ୍ଦାବନ ଦାସ ବରେଣ୍ୟ ଅତିଥି ଏବଂ କବି ସଚ୍ଚିଦାନନ୍ଦ ମିଶ୍ର ବରେଣ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ସମ୍ପାଦକ ପ୍ରେମାନନ୍ଦ ଖଣ୍ଡୁଆଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସାମଗ୍ରିକ ସାହିତ୍ୟ ସାଧନା ପାଇଁ କବି ଡ. ସଂଗ୍ରାମ କେଶରୀ ମଲ୍ଲିକଙ୍କୁ 'ତାଳଧ୍ୱଜ ସାହିତ୍ୟ ସମ୍ମାନ', କବି ଖଗେଶ୍ୱର ମହାନ୍ତିଙ୍କୁ ତାଳଧ୍ୱଜ କବିତା ସମ୍ମାନ, କବି ସ୍ୱପ୍ନାଂଶୁ କୁମାର ଦାସଙ୍କୁ ତାଳଧ୍ୱଜ ସଂଗଠକ ସମ୍ମାନ, କ୍ଷୀରୋଦ କୁମାର ରାଉତଙ୍କୁ ତାଳଧ୍ୱଜ ଚିତ୍ରଶିଳ୍ପୀ ସମ୍ମାନ ଓ ଶୈଳେନ୍ଦ୍ର କୁମାର ରାଉତଙ୍କୁ ତାଳଧ୍ୱଜ ମୂର୍ତ୍ତିଶିଳ୍ପୀ ସମ୍ମାନ ମାନପତ୍ର, ଉପଢୌକନ, ପୁଷ୍ପଚାରା ସହ ପ୍ରଦାନ କରାଯାଇଥିଲା । ଦ୍ୱିତୀୟାର୍ଦ୍ଧରେ ଆୟୋଜିତ କବିତା ପାଠୋତ୍ସବରେ କବି ମେଜର ଭରତ ଚନ୍ଦ୍ର ଜେନା, କବି ରଜନୀକାନ୍ତ ଦାସ ଓ କବି ପୂଜାଶ୍ରୀ ସେଠୀଙ୍କ ସଂଯୋଜନାରେ ପଚାଶରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ କ୍ଷ ସମ୍ବର୍ଦ୍ଧନା ଉତ୍ସବରେ କବି ରଞ୍ଜନ ବାଇ, କବି ଗୋଲାପ ରାଉତ ସହଯୋଗ କରିଥିଲେ ଏବଂ କବି ଅଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ମା' ନେଲେ ମେଲାଣି : କାଉମାରୀ ନବ ରାତ୍ରି ଦୁର୍ଗା ପୂଜାର ପରିସମାପ୍ତି



ଲଙ୍ଗଳେଶ୍ୱର, ୦୬/୧୦ (ନି.ପ୍ର): ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତ କାଉମାରୀ ଗ୍ରାମରେ ସାର୍ବଜନୀନ ନବରାତ୍ର ଦୁର୍ଗୋତ୍ସବ ପରିଷଦ ପକ୍ଷରୁ ପ୍ରତିପଦ ତିଥି ଠାରୁ ଆରମ୍ଭ ହୋଇ ନବମୀ ପର୍ଯ୍ୟନ୍ତ ଦେବୀଙ୍କର ପ୍ରତ୍ୟେକ ସ୍ୱରୂପ ଷୋଡ଼ଶ ଉପଚାରରେ ପୂଜା ହେବା ସହିତ ସପ୍ତଶତୀ ପାଠ, ପ୍ରତ୍ୟେକ ସନ୍ଧ୍ୟାରେ ପ୍ରବଚନ, ପାଲା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସର୍ବଦେବ ବିସର୍ଜନ ବିଜୟା ଦଶମୀରେ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ପଂ ପ୍ରିୟବ୍ରତ ପଣ୍ଡାଙ୍କ ପୌରହିତ୍ୟରେ ପରିଷଦର ସଭାପତି ନାରାୟଣ ପାଣିଗ୍ରାହୀ ଉପସଭାପତି ଦିବାକର ସାମନ୍ତରାୟ, ପୁରୁଷୋତ୍ତମ ନାୟକ, ସମ୍ପାଦକ ରଞ୍ଜନ କୁମାର ପଣ୍ଡା, ଗ୍ରାମ ମୁଖ୍ୟ ପଂ ଅନାଦି କୁମାର ପଣ୍ଡା, ଉପମୁଖ୍ୟ ଭୂପତି ଗିରି, ଗଙ୍ଗାଧର ପଢ଼ୀଆରି, ବୃନ୍ଦାବନ ପଢ଼ୀଆରି, ଯତୀନ୍ଦ୍ର ପରିଡ଼ା,ରମାନାଥ ପଢ଼ୀଆରି, ଉପେନ୍ଦ୍ର ମିଶ୍ରି, ଅନାଦି ପଢ଼ୀଆରି, ପ୍ରଦୀପ ସାମନ୍ତରାୟ, ଗୌରାଙ୍ଗ ମାଝୀ, ଅବସରପ୍ରାପ୍ତ ଶିକ୍ଷକ ସୃଷ୍ଟିଧର ଦାଶ, ରବୀନ୍ଦ୍ର ପାଣିଗ୍ରାହୀ, ରମେଶ ଚନ୍ଦ୍ର ସାମଲ, ଅଧ୍ୟାପକ ପରମାନନ୍ଦ ସାମଲ, ଅଞ୍ଜନ କୁମାର ସାମନ୍ତରାୟ, ମାୟାଧର ପରିଡ଼ା, ମହେନ୍ଦ୍ର ପଢ଼ୀଆରି, ସଲିଳ କୁମାର ଆଚାର୍ଯ୍ୟ, ସୁଧାଂଶୁ ରାଉତ, ଗୋପାଳ ପରିଡ଼ା, ରବୀନ୍ଦ୍ର ବିଶ୍ୱାଳ, ହରେକୃଷ୍ଣ ସାମଲ, ପ୍ରଭାକର ସାମଲ, ସୁଧୀର ସାମଲ, ସରୋଜ ସାମଲ, ଯୋଗେନ୍ଦ୍ର ନାଥ ମହାନ୍ତି, ମନ୍ମଥ ଜେନା ଏବଂ ଗ୍ରାମବାସୀ, ଯୁବ ଉଦ୍ୟୋଗୀ ପରିଷଦର ବରିଷ୍ଠ ସଦସ୍ୟ ତଥା ବେଦ ଚେତନ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ବିନୋଦ ବିହାରୀ ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ବିପ୍ର ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲକ୍ଷ୍ମୀ ପୂଜା ପର୍ଯ୍ୟନ୍ତ ଗ୍ରାମୀଣ ମେଳା ସହିତ କବାଡି ଟୁର୍ଣ୍ଣାମେଣ୍ଟ ଚାଲୁ ରହିବ ବୋଲି ପରିଷଦ ପକ୍ଷରୁ ସୂଚନା ଦେଇଛନ୍ତି । ବାଲିଆପାଳରେ ସମ୍ଭବତଃ ଏକମାତ୍ର ନବରାତ୍ର ପୂଜା ହେଉଥିବାରୁ ପ୍ରତ୍ୟେକ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କର ଭିଡ ଦେଖିବାକୁ ମିଳିଛି ।

## ଆର.ଏସ.ଏସ. ବସ୍ତାଖଣ୍ଡର ପଥ ସଂଚଳନ

ରାସଗୋବିନ୍ଦପୁର , ୦୬/୧୦ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତତମ ବର୍ଷ ପୂର୍ତ୍ତି ଉପଲକ୍ଷେ ସଂଘର ବସ୍ତାଖଣ୍ଡ ତରଫରୁ ଏକ ପଥ ସଂଚଳନ ଗତ ଅକ୍ଟୋବର ୧ ତାରିଖରେ ବସ୍ତା ଶମ୍ଭୁନାଥ ହାଇସ୍କୁଲ ଖେଳପଡ଼ିଆରୁ ବାହାରି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ବାଳିକା ଉଚ୍ଚ ବିଦ୍ୟାଳୟ, କଲ୍ୟାଣେଶ୍ୱରୀ ମନ୍ଦିର, ସଦାନନ୍ଦପୁର ଗ୍ରାମ ପଞ୍ଚାୟତ, ଷ୍ଟେଟବ୍ୟାଙ୍କ, ତାରିଣୀ ଛକ, ବସ୍ତା ପରିବା ମାର୍କେଟ ଦେଇ ଗୌଡିୟ ମଠ ବସ୍ତାରେ ସମାପନ ହୋଇଥିଲା । ଏଥିରେ ବିଭାଗ ପ୍ରଚାରକ ବିଷ୍ଣୁଚରଣ ନାୟକ, ଜିଲ୍ଲା ପ୍ରଚାରକ ଉମାକାନ୍ତ ରାଉତ, ଜିଲ୍ଲା ସହ ବୌଦ୍ଧିକ ପ୍ରମୁଖ ନିରଂଜନ ବେହେରା, ବସ୍ତା ଖଣ୍ଡ ବୌଦ୍ଧିକ ପ୍ରମୁଖ ସଂଜୟକୁମାର ପାଣି ଉପସ୍ଥିତ ଥିଲେ ।

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର , ୦୬/୧୦ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୬୨ ଜଣ ଅଭିଯୋଗକାରୀ ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଗୁଡିକ ମଧ୍ୟରୁ ୧୫୧ ଗୋଟି ବ୍ୟକ୍ତିଗତ, ୦୨ ଗୋଟି ସାମୁହିକ, ୦୯ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ । ତନ୍ମଧ୍ୟରୁ ୧୮ ଗୋଟି ଦରଖାସ୍ତର ଆଶୁ ସମାଧାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ପ୍ରଭାତ କୁମାର ବେହେରା, ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

## ଖଇରାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀଙ୍କୁ ଆରାଧନା : ଝଲସୁଛି ବିଷ୍ଣୁପୁର ଗ୍ରାମର ମା' ମୁକ୍ତାଶୁଣି ପୂଜା କମିଟି ମେଢ

ଖଇରା, ୦୬/୧୦ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକର ପୁରପଲ୍ଲୀରେ ମା ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଧୁମଧାମରେ ଆରମ୍ଭ ହୋଇଛି । ଖଇରା ପଞ୍ଚାୟତ ଅଧିନ ମା ମୁକ୍ତାଶୁଣି ଲକ୍ଷ୍ମୀପୂଜା କମିଟି ଆନୁକୁଲ୍ୟରେ ଆୟୋଜିତ ପୂଜା ଜାକଜମକରେ ଆରମ୍ଭ ହୋଇଛି । ପ୍ରଶାନ୍ତ କୁମାର ଜେନା, ମାନସ ପ୍ରଧାନ ଓ ରବିନାରାୟଣ ଦାସଙ୍କ ଦ୍ୱାରା କଳସ ଅଣାଯାଇଥିବା ବେଳେ ବିରଞ୍ଚି ନାରାୟଣ ପଣ୍ଡାଙ୍କ ଦ୍ୱାରା ଧନଦାତ୍ରୀଙ୍କୁ ଆବାହାନ କରାଯିବା ପରେ ହୋମାଯଜ୍ଞାଦି



କର୍ମ ଅନୁଷ୍ଠିତ ହୋଇଥିଲା । କମିଟି ସଦସ୍ୟ ସଦସ୍ୟ ବିରଞ୍ଚି ନାରାୟଣ ଦାସ, କମଳେଶ ପ୍ରଧାନ, ଗୋପିନାଥ ମହାନ୍ତି,ବସନ୍ତ କୁମାର ପ୍ରଧାନ, ରଘୁନାଥ ମୁର୍ଖି, ଉମାକାନ୍ତ ମହାନ୍ତି, କୈଳାସ ଜେନା, ନରହରି ଗିରି, ଅଜୟ ଜେନା, ଉପେନ୍ଦ୍ର ପ୍ରଧାନ,ଉଦୟ ପଣ୍ଡା,ଅନ୍ତର୍ଯ୍ୟାମୀ ଜେନା, ଅନାମ ସାହୁ ପ୍ରମୁଖଙ୍କ ତତ୍ତ୍ୱାଧନାରେ ପୂଜା ପାରମ୍ପରିକ ରିତୀନିତୀରେ ଆରମ୍ଭ ହୋଇଛି । ପୂଜା ୩ଦିନ ଧରି ଚାଲିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ମୁଖ୍ୟ ପରିଚାଳକ ଉମେଶ କୁମାର ଜେନା କହିଛନ୍ତି । ସେହିଭଳି ଖଇରା ବଜାର ଆଳଦା ଛକ,ଫଗୁଣା, ମାହାରା ସାହି, ସାରକୋଣା, ସାରୁଗାଁ, ପତିରାଜପୁର, କାକୁଡିଆ, ସମ୍ପେଇ, କିଶୋର ନଗର, ଭୁଗୁପୁର, ତୋଟାପଡା ଇତ୍ୟାଦି ଗ୍ରାମରେ ମା ପଦ୍ମାଳୟାଙ୍କ ପୂଜା ଆରମ୍ଭ ହୋଇଛି ।

## ୨୪ ନମ୍ବର ୱାର୍ଡ ପରିଦର୍ଶନ କଲେ ବିଏମ୍‌ସି କମିଶନର

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ( ବିଏମ୍ ସି)କମିଶନର ଚଂଚଳ ରାଣା ସୋମବାର ସକାଳୁ ୨୪ ନମ୍ବର ୱାର୍ଡ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି । ୱାର୍ଡରେ ଚାଲିଥିବା ପରିମଳ ବ୍ୟବସ୍ଥା ବୁଲି ଦେଖିବା ସହ ବିଭିନ୍ନ ଡ୍ରେନ, ରାସ୍ତା ଏବଂ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ କରିଥିଲେ । ପରିମଳ ସେବା, ବର୍ଜ୍ୟ ସଂଗ୍ରହ ବ୍ୟାଗ୍ ର ବ୍ୟବହାର, ସଫେଇ ଗାଡିର ନିୟମିତତା ସାଙ୍ଗକୁ ଜବରଦଖଲ ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ଓ ଆବଶ୍ୟକତା ବାବଦରେ ମଧ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି । କମିଶନରଙ୍କ ଏହି କ୍ଷେତ୍ର ପରିଦର୍ଶନରେ ସ୍ଥାନୀୟ ଲୋକେ ବେଶ ଖୁସି ପ୍ରକଟ କରିବା ସହ ବିଏମ୍ ସିର କର୍ଯ୍ୟକୁ ପ୍ରସଂଶା କରିଛନ୍ତି । ୱାର୍ଡରେ ଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସଂପୃକ୍ତ ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିଶନର ।

## କଟକ ଦୁର୍ଗାପୂଜା ଭସାଣିରେ ଅଘଟଣ ଦୁର୍ଭାଗ୍ୟଜନକ : ପ୍ରଭାତୀ ପରିଡା

ଭୁବନେଶ୍ୱର, ୦୬/୧୦ (ନି.ପ୍ର): କଟକ ଦୁର୍ଗାପୂଜା ଭସାଣିରେ ଘଟିଥିବା ଅଘଟଣ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଏକ୍ସରେ ଶ୍ରୀମତୀ ପରିଡା ଲେଖିଛନ୍ତି କଟକ ଦୁର୍ଗାପୂଜା ଭସାଣିରେ ଘଟିଥିବା ଅଘଟଣ ଦୁର୍ଭାଗ୍ୟଜନକ ଏବଂ ଅତ୍ୟନ୍ତ ଦୁଃଖର ବିଷୟ । ଭାଇଚାରାର ସହର ଭାବେ କଟକର ପରିଚୟ ରହିଆସିଛି । ଏହି ସମ୍ବେଦନଶୀଳ ସମୟରେ ଆମେ ସମସ୍ତେ ଶାନ୍ତିପୂର୍ଣ୍ଣ ବାତାବରଣ ଫେରାଇଆଣିବା ଦିଗରେ ଏବଂ କଟକର ଗୌରବମୟ ପରିଚୟକୁ ଅକ୍ଷୁର୍ଣ୍ଣ ରଖିବା ଦିଗରେ ପ୍ରୟାସ କରିବା ଜରୁରୀ ।

## ବାଛୁରିପଡ଼ା ବାଣ ବିସ୍ଫୋରଣରେ ଆହତ ଅନୀଲଙ୍କ ମୃତ୍ୟୁ: ୩ ଚିକିତ୍ସାଧିନ

ବୈଶିଙ୍ଗା, ୦୬/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅର୍ନ୍ତଗତ ବାଛୁରୀପଡା ଗ୍ରାମରେ ରବିବାର ଦିନ ଏଗାରଟା ସମୟରେ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଗୁରୁତର ଆହତ ଥାଇ ଚିକିତ୍ସାଧିନ ଅବସ୍ଥାରେ କଟକ ବଡ଼ ଡ଼ାକ୍ତରଖାନାରେ ଆଜି ସୋମବାର ଦିନ ଏଗାରଟା ସମୟରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ମିଳିଥିବା ସୂଚନା ମୁତାବକ ବାଣ ବିସ୍ଫୋରଣରେ ସନ୍ତୋଷ ଦାସଙ୍କ ୩୦ ବର୍ଷିୟ ପୁଅ ଅନିଲଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ପୋଡ଼ି ଯାଇଥିଲା । ତାଙ୍କୁ ପ୍ରଥମେ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଏଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଦିନ ଏଗାରଟା ସମୟରେ ମୃତ୍ୟୁବରଣ କରିଥିବା ଖବର ପାଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ତେବେ ବାଣ ପ୍ରସ୍ତୁତ ସମୟରେ ବିସ୍ଫୋରଣରେ ତାଙ୍କ ସହ ଆହତ ହୋଇଥିବା ତାଙ୍କର ମାଆ ଶାନ୍ତିଲତା , ସ୍ତ୍ରୀ କ୍ରୀଷ୍ଣା ଓ ସାନଭାଇ ସୁନିଲଙ୍କ ଏବେ ମଧ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା ଚାଲିଥିବା ସୂଚନା ମିଳିଛି । ଅନ୍ୟ ପକ୍ଷରେ ସୋମବାର ଦିନ ତମାମ ପୋଲିସ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଘରକୁ ଘର ବାରୁଦ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ଯାଞ୍ଚ ଚାଲିଛି । ବାରିପଦାରୁ ଫରେନସିକ ଟିମ ମଧ ଘଟଣାସ୍ଥଳରେ ଉପସ୍ଥିତ ରହି ପୋଲିସ ବାହିନୀଙ୍କୁ ସହଯୋଗ କରିଥିବାର ଜଣାଯାଇଛି ।

## ବରହମପୁରରେ ୬୦ଫୁଟ ଉଚ୍ଚର ରାବଣପୋଡି ଉତ୍ସବ

ନୀଳଗିରି, ୦୬/୧୦ (ନି.ପ୍ର): ଅଧର୍ମକୁ ନାଶ କରି ପ୍ରଭୁ ରାମଚନ୍ଦ୍ର ଧର୍ମର ସ୍ଥାପନ କରିଥିଲେ । ସେହି ପ୍ରଥାକୁ ମନେପକେଇ ବରହମପୁର ଜୟ ଶ୍ରୀରାମ ପୂଜାକମିଟି ପକ୍ଷରୁ ଏକାଦଶୀ ତିଥିରେ ମା'ଙ୍କୁ ଭଷାଣୀ ଦେବାସହିତ ଦ୍ୱାଦଶତମ ରାବଣପୋଡି ଉତ୍ସବ ପାଳିତ ହୋଇଯାଇଛି ।ସନ୍ଧ୍ୟାରେ ବିଶାଳକାୟ ରାବଣର ପ୍ରତିମୂର୍ତ୍ତି ଦେଖିବାପାଇଁ ବରହମପୁର ଭୂଆଶୁଣୀ ପଡିଆରେ ଲୋକଙ୍କ ଭିଡ ଜମିଥିଲା ।ନୀଳଗିରି ଅଞ୍ଚଳରେ ସର୍ବୋଚ୍ଚ ୬୦ଫୁଟ ଉଚ୍ଚର ରାବଣର ପ୍ରତିମୂର୍ତ୍ତି ପ୍ରସ୍ତୁତି କରାଯାଇଛି । ଯାହା ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ।ପାଖାପାଖି ୧୦ଲକ୍ଷ ଟଙ୍କାର ବାଣ ଏହି ରାବଣପୋଡି ଉତ୍ସବରେ ଫୁଟିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ବରହମପୁର ପୋଲିସ ନିୟୋଜିତ ରହି ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ । ରାତ୍ର ୧୦ଟା ସମୟରେ ରାବଣପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ନୀଳଗିରି ବିଧାୟକ ସନ୍ତୋଷ



ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ରାବଣରେ ଅଗ୍ନି ସଂଯୋଗ କରିଥିଲେ । ରଙ୍ଗବେରଙ୍ଗର ବାଣ ସାଙ୍ଗକୁ ଆତସବାଜିରେ ବରହମପୁରର ଭୁଆସୁଣୀ ପୋଖରୀ ଆଡ଼ି ସମେତ ଆଖପାଖ ଅଞ୍ଚଳ ଝଲସିଉଠିଥିଲା । ପାଖାପାଖି ୧୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କର ଭିଡ ଦେଖିବାକୁ ମିଳିଥିଲା । ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିବା ବେଳେ ଭୂଆଶୁଣୀ କମିଟିର ସଭାପତି ବିଜୟ କୁମାର ଆଚାର୍ଯ୍ୟ, ରଜତ ମହାପାତ୍ର, ଅମରେଶ ମହାପାତ୍ର, ଦିବ୍ୟଦର୍ଶୀ ପଶା, ଖଗେଶ୍ୱର ପଶା, ଶଶଧର ମହାପାତ୍ର, ଶିବଶଙ୍କର ବାରିକ,ମନୋଜ କୁମାର ବେହେରା, ଧର୍ମେନ୍ଦ୍ର ପ୍ରଧାନ, ମୋହିତ କୁମାର ମହାପାତ୍ର,ଚକ୍ରଧର ବିନ୍ଧାଣୀ, ନରେଶ ମହାପାତ୍ର, କାହ୍ନୁ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର,ପ୍ରଲୀନ ମହାପାତ୍ର, ସମେତ ସମସ୍ତ କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରାଜ୍ୟ ସମବାୟ ନୀତି ପାଇଁ ମତାମତ ଆହ୍ୱାନ

ଭୁବନେଶ୍ୱର, ୦୬/୧୦ (ନି.ପ୍ର): ରାଜ୍ୟରେ ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ, କ୍ରିୟାଶୀଳ ଓ ବହୁମୁଖୀ କରିବା ଲକ୍ଷ୍ୟରେ 'ଓଡ଼ିଶା ରାଜ୍ୟ ସମବାୟ ନୀତି, ୨୦୨୫ ପ୍ରକାଶ ପାଇବାକୁ ଯାଉଛି । ଏହି କ୍ରମରେ ଏକ ଚିଠା ସମବାୟ ନୀତି ପ୍ରସ୍ତୁତ କରାଯାଇ ଜନସାଧାରଣଙ୍କ ସୁଚିନ୍ତିତ ମତାମତ/ ପ୍ରସ୍ତାବ ରଖିବାକୁ ସମବାୟ ବିଭାଗ ପକ୍ଷରୁ ନିବେଦନ କରାଯାଇଛି । ଚିଠା ନୀତି ସମବାୟ ବିଭାଗର ୱେବସାଇଟ୍ ରେ ଉପଲବ୍ଧ ଅଛି । ଜନସାଧାରଣ, ସମବାୟବିତ୍, ବୁଦ୍ଧିଜୀବୀ ସେମାନଙ୍କ ମତାମତ/ ପ୍ରସ୍ତାବ ଇମେଲ୍ ମାଧ୍ୟମରେ ମଧ୍ୟ ପଠାଇ ପାରିବେ । ସୂଚନାଯୋଗ୍ୟ, କେନ୍ଦ୍ର ସମବାୟ ମନ୍ତ୍ରାଳୟ ପକ୍ଷରୁ ଚିଠା ସମବାୟ ନୀତି ପ୍ରକାଶ ପାଇଛି । କେନ୍ଦ୍ର ସରକାରଙ୍କ ପ୍ରସ୍ତାବ କ୍ରମେ ରାଜ୍ୟ ସମବାୟ ବିଭାଗ ଚିଠା ନୀତି ପ୍ରସ୍ତୁତ କରିଛି । ଏକ ସମୟୋପଯୋଗୀ, ବ୍ୟବହାରିକ ଓ ଉନ୍ନତ ସମବାୟ ନୀତି ପ୍ରସ୍ତୁତ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ଜନ ସାଧାରଣଙ୍କ ସୁଚିନ୍ତିତ ମତାମତ/ପ୍ରସ୍ତାବ ଆହ୍ୱାନ କରାଯାଇଛି ।

## ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା , ୦୬/୧୦ (ନି.ପ୍ର): ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଶ୍ରୀ ଋତୁରାଜ କହିଲେ ଯେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀ ମାନଙ୍କୁ ବହୁମାତ୍ରାରେ ଉପଲବ୍ଧ ହେଉଛି । ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଏକ ମହତ କାର୍ଯ୍ୟକ୍ରମ ଏବଂ ଏହାକୁ ତ୍ୱରାନ୍ୱିତ କରିବା ଦିଗରେ ସମସ୍ତ ଅଧିକାରୀ ଓ କର୍ମଚାରୀ ନିରନ୍ତର ନିଷ୍ଠାପର ସେବା ପ୍ରଦାନ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ବ୍ଲକ୍ ଓ ପଞ୍ଚାୟତ ମାନଙ୍କରେ ଜନଶୁଣାଣି ଶିବିରରେ ପ୍ରତ୍ୟେକ ଯୋଜନାର ହିତାଧିକାରୀ ମାନଙ୍କୁ ଯଥା ସୁକନ୍ୟା ସମୃଦ୍ଧି ଯୋଜନା ଠାରୁ ନେଇ , ସ୍ୱାସ୍ଥ୍ୟ, ପଶୁ ସମ୍ପଦ, କୃଷି ଓ ଆନୁସଙ୍ଗିକ କୃଷି , ଓଡ଼ିଶା ଜୀବିକା ମିଶନ୍,ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଆୟୁଷମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା,ଅଟଳ ପେନସନ ଯୋଜନା, ବସୁନ୍ଧରା, ରାଜସ୍ୱ ବିଭାଗ ଅଧୀନ ବିଭିନ୍ନ ସାର୍ଟିଫିକେଟ, ପ୍ରତ୍ୟେକ ପଂଚାୟତ ଓ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟାଳୟ ଗୃହ ନିର୍ମାଣ ଜମି ସମସ୍ୟା, ଦକ୍ଷତା ବିକାଶ, ମତ୍ସ୍ୟ ଚାଷ, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଉଦ୍ୟୋଗ, ସୁଷମ ବଣ୍ଟନ, ଶିଶୁ ଓ ମାତୃ ଯତ୍ନ ,ଭି ଏଚ୍ ଏନ୍ ଡି ଯୋଜନା ,ପି ଏମ ସୂର୍ଯ୍ୟ ଘର, ମାଟି ସ୍ୱାସ୍ଥ୍ୟ କାର୍ଡ,ପି ଏମ କିଶାନ ଓ ସି ଏମ କିଶାନ୍ ଯୋଜନା, ପ୍ରଧାନ ମନ୍ତ୍ରୀ ମୁଦ୍ରା ଓ ପ୍ରଧାନ ମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଆଦି ଅଗ୍ରଣୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସିଧା ପଲ୍ଲୀ ବାସିନ୍ଦାର ପ୍ରକୃତ ହିତାଧିକାରୀ ମାନଙ୍କୁ ଯୋଗାଇ ଦିଆଯାଉଅଛି କ୍ଷ ଆଜିର ଅଭିଯୋଗ ଶୁଣାଣିରେ ମୋଟ ୯୧ ଗୋଟି ଅଭିଯୋଗ ଆସିଥିବା ବେଳେ, ବ୍ୟକ୍ତି ଗତ ୮୩ ଗୋଟି ଓ ଗ୍ରାମୀଣ ସମସ୍ୟା ଜନିତ ୦୮ ଗୋଟି ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୦୬ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲାମାଜିଷ୍ଟ୍ରେଟ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ପାଠପଢା ନିମନ୍ତେ ଟାଙ୍ଗୀ ତହସିଲ ଅଧୀନ ରୁପାଞ୍ଜଳି ବେହେରା, ବଢ଼ିସାହି, ରାମଚନ୍ଦ୍ରପୁର ଙ୍କୁ ୧୦ ହଜାର ଟଙ୍କା ଏବଂ ବେଗୁନିଆ ତହସିଲ ଅଧୀନ ଠାକୁର ପ୍ରସାଦ ସାହୁ, ମସାଣିଆ, କୁଞ୍ଜୁରିଙ୍କୁ ପାଠପଢା ନିମନ୍ତେ ୦୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧିକ୍ଷକ, ଶ୍ରୀ ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ଶ୍ରୀ କିଶୋର କୁମାର ପଣ୍ଡା, ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ମଞ୍ଚାସିନ ଥିବା ବେଳେ, ଡେପୁଟୀ କଲେକ୍ଟର ଶ୍ରୀତପା ମିଶ୍ର, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଅଧିକ୍ଷଣ ଯନ୍ତ୍ରୀ ରଶ୍ମିତା ଦାସ,ସଦର ବିଡିଓ ଶ୍ରୀମତୀ କ୍ଷୀରାବ୍ଧି ତନୟା ସାହୁ, ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ପୌର ପରିଷଦ ରିଜ୍ୱାନା କାଜ୍ୱାବ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ଦାଶ,ସହକାରୀ ଜିଲ୍ଲାପାଳ, ଅଭିଯୋଗ ଭୁବନେଶ୍ୱରୀ କଅଁର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ସେଭ ଲାଇଫ ଅର୍ଗାନାଇଜେସନ ପକ୍ଷରୁ ରକ୍ତଦାନ ଶିବିର

ବସ୍ତା, ୦୬/୧୦ (ନି.ପ୍ର): ରକ୍ତ ଦାନ ମହତ ଦାନ । ତେଣୁ ଅଭାବୀ ରକ୍ତ ର ମୁକାବିଲା ସହିତ ଲୋକଙ୍କ ଅମୂଲ୍ୟ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ, ସେଭ ଲାଇଫ ଅର୍ଗାନାଇଜେସନ ପକ୍ଷରୁ ଷଷ୍ଠ ବାର୍ଷିକ ଉତ୍ସବ ଅବସରରେ ବସ୍ତା ବ୍ଲକ୍ ତାଡ଼ଦା ପଞ୍ଚାୟତ ଶ୍ୟାମରାୟପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଙ୍କ ବ୍ଲକ ପ୍ରତିନିଧି ତଥା, ବିଜେପି ର



ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ତାଡ଼ଦା ଗ୍ରାମପଞ୍ଚାୟତ ର ସରପଞ୍ଚ ପ୍ରଭାତ ଦାସ, ସମିତି ସଦସ୍ୟା ରିତାରାଣୀ ଦଣ୍ଡପାଟ ଯୋଗ ଦେଇ ରକ୍ତ ଦାତା ଙ୍କୁ ଉତ୍ସାହିତ କରିବା ସହିତ ସଂଗଠନ ର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସଙ୍ଗଠନ ର ସଭାପତି ଅରୁଣ ଦାସ ଅଧିକାରୀ, ସମ୍ପାଦକ ସୁବ୍ରତ ପ୍ରଧାନ, କୋଷାଧକ୍ଷ କଳ୍ପତରୁ ସାମନ୍ତ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିବା ବେଳେ, ସଦସ୍ୟ ସରୋଜ କୁମାର ପ୍ରଧାନ, ବଳରାମ କର, ମିହିର ଦାଶ, ନିମାଇଁ ସାମନ୍ତ, ଗୌରାଙ୍ଗ ଦାସ, ଅବନୀ ବାରିକ, ଗୌରାଙ୍ଗ ଜେନା, ସୁଶିଲ କୁମାର ପ୍ରଧାନ, ଅଞ୍ଜନ ଦାସ ଅଧିକାରୀ ଦୀପକ ପ୍ରଧାନ, ବୁଦ୍ଧିରାମ ଜେନା, ଗଦାଧର ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida